## ଲକ୍ଷ୍ମୀଧର ନାରାୟଣ ନଗର ଗ୍ରାମ୍ୟ କମିଟି ଗଠିତ

**ରାଉରକେଲା, ୬ ।୨(ସମିସ):** ସାରନଗରୀ ଉପର ବାଲିଯୋଡ଼ିସ୍ଥିତ ଏକ ଗ୍ରାମ୍ୟ କମିଟି ଏବଂ ନାମକରଣ ନିମନ୍ତେ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ବିନୋଦ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସର୍ବସମ୍ମତି କ୍ରମେ ଉକ୍ତ ଗ୍ରାମକୁ ଲକ୍ଷ୍ମୀଧର ନାରାୟଣ ନଗର ନାମରେ ନାମିତ କରାଯାଇଛି । ଏଥି ପାଇଁ ଏକ ଗ୍ରାମ୍ୟ କମିଟି ମଧ୍ୟ ଗଠନ କରାଯାଇଛି । କମିଟିରେ ବିନୋଦ ବିହାରୀ ପଟ୍ଟନାୟକ ସଭାପତି, ନମିତା ବେହେରା ସମ୍ପାଦକ, ଦିଲୀପ ତନ୍ତୀ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ । କାର୍ଯ୍ୟକାରୀ ସଭ୍ୟ ସଭ୍ୟା ଭାବେ ସନ୍ଧ୍ୟାରାଣୀ କିଣ୍ଡୋ, ବିଜୟ ସାହୁ, ଆଶାଲତା ଚୌଧୁରୀ, ରଶ୍ମି ଟପୋ, ପ୍ରଶାନ୍ତ କୁମାର ମିଶ୍ର, ଅଲେଖ ଚନ୍ଦ୍ର ସାହୁ, ଗୋପାଳ ସାହୁ, ସଞ୍ଜୁଲତା ସାହୁ, ଶଶିଭୂଷଣ ମହାନ୍ତି ଓ ଉପଦେଷ୍ଟା ଭାବେ ରବୀନ୍ଦ୍ର ବେହୁରିଆ ମନୋନୀତ ହୋଇଥିଲେ । ଲଳିତା ଦେବୀ ଧନ୍ୟବାଦ ଦେଇଥିଲେ ।

## ଶ୍ରୀ ଶ୍ରୀ ମହାବୀର ମନ୍ଦିର ପ୍ରତିଷ୍ଠା

**ରାଜଗାଙ୍ଗପୁର, ୬ ।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବାରୁପଡ଼ା ମହାବୀର ମନ୍ଦିର ପ୍ରତିଷ୍ଠା ମହା ଆଡ଼ମ୍ବରରେ ସମ୍ପନ୍ନ ହୋଇଛି । ୩ ତାରିଖ ଶତାଧିକ ଶ୍ରଦ୍ଧାଳୁ କଳସ ଯାତ୍ରାରେ ବାହାରି ବାବା ତାଳବରୁ ଜଳ ଆଣି ବାରୁପଡ଼ାସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ । ପଣ୍ଡିତଙ୍କ ମନ୍ତ୍ରଧ୍ୱନିରେ ସମଗ୍ର ସହର ଉତ୍ସବମୁଖର ହେବା ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ସୋମବାର ହୋମଯଜ୍ଞ ସାଙ୍ଗକୁ ସୂର୍ଯ୍ୟପୂଜା ଓ ପ୍ରସାଦ ସେବନ ହୋଇଥିଲା । ମନ୍ଦିର କମିଟି ସଭାପତି ହରିହର ବାଗ, ଉପ ସଭାପତି ଜଗନ୍ନାଥ ମହାନନ୍ଦିଆ, ଶିଳ୍ପା ଏକ୍କା, ରଞ୍ଜିତ ପାଶୱାନ, ଅଭୟ ସାମଲ, ରାଜକିଶୋର ବାଗ, ମୁକେଶ ହଲୱାଇ, ରମେଶ ଜୟପୁରିଆ, ସଞ୍ଜୀବ ରାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାଜଗାଙ୍ଗପୁର ପୁଲିସ ପ୍ରଶାସନ ପକ୍ଷରୁ ଏଡିପିଓ ଅଭିଷେକ ପାଣିଗ୍ରାହୀ ଓ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ସହ କାର୍ଯ୍ୟକ୍ରମ ସମାପନ ହୋଇଛି ।

# ଅନ୍ୱେଷଣର ବାର୍ଷିକ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ

ରାଉରକେଲା, ୬ ।୨(ସମିସ)



କମ୍ପ୍ୟୁଟର ଶିକ୍ଷାର ଉତ୍ଥାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବହୁଳ ପ୍ରଚାର ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ୱେଷଣ ଓ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ସହଯୋଗରେ ବାଲିଯୋଡ଼ିସ୍ଥିତ କାର୍ଯ୍ୟାଳୟରେ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସୁବ୍ରତ ତରାଇ ଉଦ୍‌ଘାଟକ ଭବେ ଯୋଗଦେଇ କମ୍ପ୍ୟୁଟର ଶିକ୍ଷାର ଉପାଦେୟତା ଓ ରାଜ୍ୟ ସଂସ୍କୃତି ଭାଷା ସାହିତ୍ୟ ତଥା କଳାର ବିକାଶ ପାଇଁ ସରକାର ସବୁବେଳେ ଯତ୍ନବାନ ବୋଲି କହିଥିଲେ । ଗଠନମୂଳକ କାର୍ଯ୍ୟରେ ସେ ଅନ୍ୱେଷଣକୁ ସବୁବେଳେ ସହଯୋଗ କରିବେ ବୋଲି କହିଥିଲେ ।

ପ୍ରାକ୍ତନ ପ୍ରଶାସନିକ ସେବା ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟଅତିଥି, ଡା. ଫକୀର ଚରଣ ହୋତା, ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ରଶ୍ମିତା ବୈଦ୍ୟ, ବିଶିଷ୍ଟ ସାହିତ୍ୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ, ସାମାଜିକ କର୍ମୀ ହରିହର ଶତପଥୀ ଓ ଯୁବ ପ୍ରତିଭା ମାନୁ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନ ଦ୍ୱାରା ଆହୁତ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ, ସମ୍ବଲପୁରୀ, ପାଶ୍ଚାତ୍ୟ ଓ ଆଦିବାସୀ ଲୋକନୃତ୍ୟ, ସାନ୍ତାଳୀ ନୃତ୍ୟ ସହ ସର୍ବୋପରି ଭାଷା ସାହିତ୍ୟ ସଂସ୍କୃତିର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ପାଦିକା ସଚଳା ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ଭାରତୀ ବାସ୍କେ, ସାମାଜିକ କର୍ମୀ ଅନନ୍ତ ଜେନା, ମୁରଲୀଧର ଦାଶ, ବିଶ୍ୱନାଥ ପଟ୍ଟନାୟକ, ରୀତା ଲେଙ୍କା, ଚାନ୍ଦମଣି ମାଝୀ, କ୍ରିଷ୍ଟା ସୋରେନ, ମାୟା ମାଝୀ, ଦୁଲ୍ଲଣ ମୁର୍ମୁ, ପ୍ରଭାତି ମୁର୍ମୁ, ଜୟନ୍ତୀ ସିଂ, ଦୁର୍ଗେଶ୍ୱରୀ ହାଁସଦା, ଇତିଶ୍ରୀ ଦାସ, ରଜେଶ୍ୱରୀ ରାଉତ, ଶୁଭାଶିସ କୁମ୍ଭାର, ଓମ୍‌ଦେବ ଲୋହାର, ରାହୁଲ ନାୟକ ଓ ଦୁର୍ଗା ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ୧୩ଟି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ୩୯ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥଲେ । ଓଡ଼ିଶୀରେ ପଲ୍ଲବୀ ଓ ଗ୍ରୁପ୍ ଡ୍ୟାନ୍ସରେ ବାଲିଯୋଡ଼ି ସାନ୍ତାଳି ବସ୍ତିର କଳାକାରମାନେ ପୁରସ୍କୃତ ହୋଇଥିଲେ । ଶେଷରେ ରାଜ୍ୟ କର୍ମଚାରୀ ବୀମା ଯୋଜନା ଅଧିକାରୀ ଡାକ୍ତର ବିଷ୍ଣୁପ୍ରିୟା ଦେଇ ଧନ୍ୟବାଦ ଦେଇଥିଲେ ।

# ସର୍ବ ଭାରତୀୟ ଇସ୍ପାତ ମେଡିକାଲ ଅଫିସର ସମ୍ମିଳନୀରେ ଆର୍‌ଏସ୍‌ପି ଡାକ୍ତରଙ୍କ ସଫଳତା



**ରାଉରକେଲା, ୬ ।୨(ସମିସ):** ଆରଏସପି ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ଡାକ୍ତରମାନେ ଫେବୃଆରୀ ୧ରୁ ୪ ପର୍ଯ୍ୟନ୍ତ ଜାମସେଦପୁରର ଟାଟା ମେନ୍ ହସ୍ପିଟାଲରେ ଆୟୋଜିତ ୪୩ତମ ଅଲ୍ ଇଣ୍ଡିଆ ଷ୍ଟିଲ୍ ମେଡିକାଲ୍ ଅଫିସର୍ ସମ୍ମିଳନୀ (ଏଏସଏମଓସି)ରେ ୨ଟି ପ୍ରଥମ ପୁରସ୍କାର ଲାଭ କରି ଇସ୍ପାତ ସହର ପାଇଁ ଗୌରବ ଆଣିଛନ୍ତି । ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତାଙ୍କ ନେତୃତ୍ୱରେ ଏକ ୧୪ ଜଣିଆ ଡାକ୍ତର ଦଳ ଏହି ସମ୍ମିଳନୀରେ ଯୋଗଦେଇଥିଲେ । ସେମାନଙ୍କ ମଧ୍ୟରୁ ମେଡିସିନ୍-ନେଫ୍ରୋଲୋଜି ବିଭାଗ ସିନିୟର କନସଲଟାଣ୍ଟ ଡା. ସରୋଜ ରାଉତ ଦୀର୍ଘ ପେପର ଉପସ୍ଥାପନାରେ ପ୍ରଥମ ପୁରସ୍କାର ପାଇଥିବା ବେଳେ ସର୍ଟ ପେପର ଉପସ୍ଥାପନାରେ କନସଲଟାଣ୍ଟ ଡା. ପୁନମ୍ ଏକ୍କା ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

ଡା. ହୋତା ଆଇଜିଏଚ ଉପରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ । ଏହି ସମ୍ମିଳନୀରେ ଅତିରିକ୍ତ ସିଏମଓ ଡା. ସଞ୍ଜୟ ତିୱାରୀ 'ଅର୍ଥୋପେଡ଼ିକ୍ସରେ କୃତ୍ରିମ ବୁଦ୍ଧିମତ୍ତା' ଉପରେ ଏକ ପେପର ଉପସ୍ଥାପନ କରିଥିବା ବେଳେ ଅତିରିକ୍ତ ସିଏମଓ ଡା. ମନୋଜ ପାଣିଗ୍ରାହୀ 'ଟ୍ରମାରେ ସୁବର୍ଣ୍ଣ ଘଟିକା' ପ୍ରସଙ୍ଗରେ ଏକ ପେପର ଉପସ୍ଥାପନ କରିଥିଲେ । 'ସ୍ତନ କର୍କଟ' ଉପରେ ଆୟୋଜିତ ପ୍ୟାନେଲ ଆଲୋଚନାରେ ଡେପୁଟି ସିଏମଓ ଡା. ଅରୁଣା ମିଞ୍ଜ ଅନ୍ୟତମ ଥିଲେ । ଆଇଜିଏଚର ଡାକ୍ତରମାନେ ଏମବିବିଏସ ପେପର, ଲଙ୍ଗ ଏବଂ ସର୍ଟ ପେପର, ମୋଟ ଗୁଣବତ୍ତା ପରିଚାଳନା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ର କାଗଜପତ୍ର ଏବଂ ଏମବିବିଏସ ଓ ପିଜି ପୋଷ୍ଟରକୁ ନେଇ ସାତଟି ଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ । ଅତିରିକ୍ତ ସିଏମଓ ଡା. ପୁଷ୍ପା କୁମାରୀ ଡାକ୍ତରୀ ଦଳଗୁଡ଼ିକର ପ୍ରତିଯୋଗିତାରେ ଅଂଶଗ୍ରହଣର ପରିଚାଳନା କରିଥିଲେ ।

ସୂଚନାଯୋଗ୍ୟ, ସେଲ୍‌ଫ ହସ୍ପିଟାଲ୍, ଆରଆଇଏନଏଲ, ଟାଟା ଷ୍ଟିଲ୍ ଏବଂ ମେକନର ମେଡିକାଲ୍ ଅଫିସରମାନେ ଉକ୍ତ ବାର୍ଷିକ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ; ଯାହା ଦେଶର ଇସ୍ପାତ ଉଦ୍ୟୋଗର ମେଡିକାଲ ଅଫିସରଙ୍କ ବୃତ୍ତିଗତ ଦକ୍ଷତାରେ ଅଧିକ ଉନ୍ନତି ଓ ସଦ୍ୟତମ ଜ୍ଞାନ ଆହରଣ ପାଇଁ ପ୍ରତିବର୍ଷ ଆୟୋଜିତ ହେଉଛି । ଡାକ୍ତରଙ୍କ ପାଇଁ ରୋଗୀସେବାରେ ଅତ୍ୟାଧୁନିକ ବିକାଶ ସହଭାଗିତା ପାଇଁ ଏହା ଏକ ପ୍ଲାଟଫର୍ମ ଯୋଗାଉଛି । ଏହି ସମ୍ମିଳନୀ ଆସନ୍ତା ବର୍ଷ ରାଉରକେଲାରେ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବଣାଇଁ, ୬ ।୨(ସମିସ)

ବଣାଇଁ ବ୍ଲକ ସିହିଡିଆ କାଳିଆ ବିହାର ଯଦୁପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ଏଥିରେ ମହୁଲପଦା ଥାନା ଅଧିକାରୀ ସୁରେଶ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ କିପରି ନିଜେ ସୁରକ୍ଷିତ ହେବା ସହ ନିଜ ସାଥୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ । ଅନୁଷ୍ଠାନ ଅଧ୍ୟକ୍ଷ ଅସୀମ କୁମାର ମଲ୍ଲିକ ତାଲିମଦାତା ତଥା ଛାତ୍ରୀମାନଙ୍କୁ ପ୍ରଶଂସା କରି ଛାତ୍ରୀ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ପ୍ରତ୍ୟେକ ଅନୁଷ୍ଠାନରେ ଜରୁରୀ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମର ପ୍ରୋଗ୍ରାମ ଅଧିକାରୀ ଶିକ୍ଷା ବିଭାଗ ଅଧ୍ୟାପିକା ସନ୍ତୋଷିନୀ ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ କଳା, ବିଜ୍ଞାନ, ଧନ୍ଦାମୂଳକ ଶିକ୍ଷା ବିଭାଗର ତାଲିମପ୍ରାପ୍ତ ୧୨୬ ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଇଂରାଜୀ ବିଭାଗ ଅଧ୍ୟାପକ ଅଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବେଣୁଧର ମାଝୀ, ପ୍ରତାପ ମାହାନ୍ତ, ଅଶୋକ କୁମାର ଭଞ୍ଜ, ସୁଜିତ କୁମାର ମେଲ୍ଲୀ, ଦିଲୀପ କୁମାର ବିଶ୍ୱାଳ ତଥା ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ପ୍ଲେଟ୍ ମିଲ୍‌ର ଟପ୍ ୟୁନିଭର୍ସାଲ୍ ସ୍ପିଣ୍ଡଲ୍ ମେସିନ୍‌ର ବିଅରିଂ ସିଟ୍ ପୁନଃ ନିର୍ମାଣ

ରାଉରକେଲା, ୬ ।୨(ସମିସ)




ରାଉରକେଲା ଇସ୍ପାତ କାରଖାନାର ମେକାନିକାଲ୍ ସପ ବିଭାଗରେ ପ୍ଲେଟ ମିଲର ଟପ୍ ୟୁନିଭର୍ସାଲ୍ ସ୍ପିଣ୍ଡଲ୍ ମେସିନ୍‌ର ଏକ ବିଅରିଂ ସିଟ୍ ବିଭାଗୀୟ ଦଳଗତ ଉତ୍ସର୍ଗୀକୃତତା, ପ୍ରତିବଦ୍ଧତା ଦ୍ୱାରା ଅନେକ ପ୍ରତିବନ୍ଧକ ସତ୍ତ୍ୱେ ସଫଳତାର ସହ ପୁନଃ ନିର୍ମାଣ କରାଯାଇଛି । ମେକାନିକାଲ୍ ସପ ଟିମ୍‌ର ଏହି ସାମୂହିକ ପ୍ରୟାସ କମ୍ପାନୀ ପାଇଁ ଯଥେଷ୍ଟ ସଞ୍ଚୟ ଆଣିଦେଇଥିବା କୁହାଯାଇଛି ।

ପ୍ଲେଟ୍ ମିଲର ମିଲ୍ ଷ୍ଟାଣ୍ଡର କାର୍ଯ୍ୟଧାରା ପାଇଁ ଟପ୍ ୟୁନିଭର୍ସାଲ୍ ସ୍ପିଣ୍ଡଲ୍ ଏକ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ । ମୋଟର ସହ ସଂଲଗ୍ନ ହୋଇଥିବା ସ୍ପିଣ୍ଡଲ୍ ମିଲ୍ ଷ୍ଟାଣ୍ଡ ୱାର୍କ ରୋଲକୁ ଡ୍ରାଇଭ୍ ଦେଇଥାଏ । ପ୍ଲେଟ୍ ମିଲରେ ଦୁଇଟି ୟୁନିଭର୍ସାଲ୍ ସ୍ପିଣ୍ଡଲ୍ ଉପଲବ୍ଧ ରହିଛି ଏବଂ ମୁଖ୍ୟ ମରାମତି ସମୟରେ ବ୍ୟବହୃତ ସ୍ପିଣ୍ଡଲ୍ ଷ୍ଟାଣ୍ଡବାଇ ସ୍ପିଣ୍ଡଲ୍ ସହିତ ବଦଳା ଯାଇଥାଏ । ଏକ ଯାଞ୍ଚ ସମୟରେ ସ୍ପିଣ୍ଡଲ୍ ଘୂର୍ଣ୍ଣନରେ ଅସ୍ୱାଭାବିକ ଶବ୍ଦ ପରିଲକ୍ଷିତ ହୋଇଥିଲା । ଏହାକୁ ଖୋଲାଯିବା ପରେ ଏହାର ଦୁଇଟି ସିଟ୍ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା । ଏହି ସମସ୍ତ ସ୍ପିଣ୍ଡଲ୍ ୪୫୦ ମିଲିମିଟର ବ୍ୟାସ, ୯.୮ ମିଟର ଲମ୍ବ ଏବଂ ଓଜନ ପ୍ରାୟ ୧୮ ଟନ୍ ବିଶିଷ୍ଟ ଥିଲା । ବିଅରିଂ ଫିକ୍ସିଂ ପାଇଁ ବିଅରିଂ ସିଟ୍ ଗ୍ରାଇଣ୍ଡ କରିବା ହିଁ ଏହି ସମସ୍ୟା ସମାଧାନର ଏକମାତ୍ର ରାସ୍ତା ଥିଲା । ମେକାନିକାଲ୍ ସପରେ ଉପଲବ୍ଧ ଲେଥ୍ ମେସିନ୍‌ର କ୍ଷମତା ୧୨ ଟନ୍ ଓଜନ ବହନର ରହିଥିବା ବେଳେ ସ୍ପିଣ୍ଡଲର ଓଜନ ପ୍ରାୟ ୧୮ ଟନ୍ ଥିଲା ।

ମେକାନିକାଲ୍ ସପ ଟିମ ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରି ମାଇକ୍ରୋ ଯୋଜନା ପରେ ସେମାନେ ଡିଜାଇନ୍ ବିଭାଗର ବୈଷୟିକ ସହାୟତା ସହିତ ଅତିରିକ୍ତ ୨ଟି ରୋଲର୍ ସ୍ଥିରତା ପରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ । ଉଭୟ ଷ୍ଟେଡି ରେଷ୍ଟ ଉପଲବ୍ଧ ଲେଥ୍ ମେସିନ୍ ସହିତ ପ୍ରସ୍ତୁତ କରାଯାଇଥିଲା । ପ୍ଲେଟ୍ ମିଲରୁ ୟୁନିଭର୍ସାଲ୍ ସ୍ପିଣ୍ଡଲ୍ ପାଇବା ପରେ ଏହା ଲଙ୍ଗ୍ ଲେଥ୍ ମେସିନ୍‌ରେ ଲୋଡ୍ ହୋଇ କେନ୍ଦ୍ରଗୁଡ଼ିକ ମଧ୍ୟରେ ରଖାଯାଇଥିଲା । ଅତିରିକ୍ତ ଲୋଡ୍ ବହନ ପାଇଁ ଦୁଇଟି ଫେବ୍ରିକେଟେଡ ରୋଲର୍ ଷ୍ଟେଡି ରେଷ୍ଟ ମେସିନ୍ ବେଡ୍ ଉପରେ ସ୍ପିଣ୍ଡଲ୍ ତଳେ ରଖାଗଲା । ଗ୍ରାଇଣ୍ଡିଂ ପାଇଁ ଉପଯୁକ୍ତ କାର୍ଯ୍ୟ ସେଟିଂ ବ୍ୟବସ୍ଥା କରାଯାଇଥିଲା । ସମ୍ପ୍ରତି ଗୋଟିଏ ବିଅରିଂ ସିଟ୍‌ର ଟର୍ନିଂ ଶେଷ ହୋଇଥିବା ବେଳେ ଦ୍ୱିତୀୟ ବିୟରିଂ ସିଟ୍ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବାକୁ ଯାଉଛି । ଟର୍ନିଂ ଅପରେସନ୍ ସମାପ୍ତ ହେବା ପରେ, ଉଭୟ ବିଅରିଂ ସିଟ୍‌ର ଗ୍ରାଇଣ୍ଡିଂ ଯନ୍ତ୍ରର ଗ୍ରାଇଣ୍ଡିଂ ସଂଲଗ୍ନ ସାହାଯ୍ୟରେ ବହନ କରିବା ଫିକ୍ସିଂ ପାଇଁ ସରଫେସ ଫିନିସ ହାସଲ କରାଯିବ । ଉଲ୍ଲେଖଯୋଗ୍ୟ ଯେ ଏକ ନୂତନ ସ୍ପିଣ୍ଡଲର ମୂଲ୍ୟ ପ୍ରାୟ ୧.୩ କୋଟି ଟଙ୍କା ଅଟେ ଏବଂ ଏଥିନିମନ୍ତେ ସର୍ବନିମ୍ନ ୧ ବର୍ଷର ସମୟ ଆବଶ୍ୟକ । ଇନ ହାଉସ ଯନ୍ତ୍ର ପୁନଃ ନିର୍ମାଣର ମୂଲ୍ୟ ୪୦ ଲକ୍ଷ ଟଙ୍କା ରହିଛି । ସପ୍ତାହକ ମଧ୍ୟରେ ଶେଷ ହେବାକୁ ଆଶା କରାଯାଉଥିବା ମେକାନିକାଲ୍ ସପର ଏହି ଉଦ୍ୟୋଗୀ କାର୍ଯ୍ୟ ଦ୍ୱାରା ରାଉରକେଲା ଇସ୍ପାତ କାରଖାନା ପାଇଁ ଅତି କମରେ ୪୦ ଲକ୍ଷ ଟଙ୍କା ସଞ୍ଚୟ ହୋଇପାରିବ ବୋଲି ସୂଚନା ମିଳିଛି ।

■ ଆମ ଓଡ଼ିଶା ନବୀନ ଓଡ଼ିଶା

# ବଣାଇଁ ପଞ୍ଚାୟତରେ ସଚେତନତା

ବଣାଇଁ, ୬ ।୨(ସମିସ)



ବଣାଇଁ ବ୍ଲକ ଅନ୍ତର୍ଗତ ୧୩ ପଞ୍ଚାୟତରେ ପର୍ଯ୍ୟାୟ କ୍ରମେ ହେବାକୁ ଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିବସରେ ବଣାଇଁ ପଞ୍ଚାୟତ ତରଫରୁ ସରପଞ୍ଚ ନମିତା ନାଗଙ୍କ ଅଧ୍ୟକ୍ଷତାରେ ବଣାଇଁ ରାଜା ଧରଣୀଧର ବହୁମୁଖୀ ଖେଳପଡ଼ିଆରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଅତିଥିଙ୍କ ଗହଣରେ ବଣାଇଁ ବିଡିଓ ଦିବ୍ୟଶଙ୍କର ଜୟପୁରିଆ ଜଗନ୍ନାଥଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ମୁଖ୍ୟଅତିଥି ଭାବେ ବଣାଇଁ (ଖ) ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଲୋକେ ଏହାର ସୁବିଧା ନେବାକୁ ପରାମର୍ଶ ଦେଇଥିଲେ । ବିଡିଓ ଜୟପୁରିଆ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ବନବିଭାଗ ଓ ମିଶନ ଶକ୍ତି ମହିଳାଙ୍କ ପକ୍ଷରୁ ଷ୍ଟଲ୍ ମାଧ୍ୟମରେ ବିଭିନ୍ନ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ବଣାଇଁ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିସାନ, ଉପାଧ୍ୟକ୍ଷା ବିନୀତା ବେହେରା ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ । ନୋଡାଲ ଅଧିକାରୀ ଭାବେ ନନ୍ଦକିଶୋର ସାହୁ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଜିତ କୁମାର ସାହୁ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ ।

# ଆର୍‌ଏସ୍‌ପି ମେକାନିକାଲ ସପର ବରିଷ୍ଠ ସହକର୍ମୀଙ୍କ ସମାବେଶ



**ରାଉରକେଲା,୬ ।୨(ସମିସ):** ପ୍ରତିବର୍ଷ ପରି ରାଉରକେଲା ଷ୍ଟିଲ ପ୍ଲାଣ୍ଟ ତଥା ସେଲର ୧୯୭୮ ମସିହାରେ ନୂତନ ନିର୍ମାଣ ହୋଇଥିବା ସ୍ପେୟାର ପାର୍ଟ୍ସ ତିଆରି କରୁଥିବା ଅତ୍ୟାଧୁନିକ 'ମେକାନିକାଲ ସପ'ରେ କାର୍ଯ୍ୟ କରୁଥିବା ତତ୍କାଳୀନ କର୍ମଚାରୀଙ୍କ ସପ୍ତମ ସମାବେଶ ଛେଣ୍ଡ କଲୋନୀସ୍ଥିତ ଛେଣ୍ଡ ୱେଲଫେୟାର କାର୍ଯ୍ୟାଳୟରେ ଆବାହକ ଜୟନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି ।ଏଥିରେ ମୁଖ୍ୟଅତିଥି ଭାବେ ଆରଏସପି ମେକନିକାଲ ସପର ମହାପ୍ରବନ୍ଧକ ଶେଖର ନାରାୟଣ ଯୋଗଦେଇଥିଲେ । ପ୍ରଥମେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମଦିନ ଉପଲକ୍ଷେ କାର୍ଯ୍ୟାଳୟରେ ରହିଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୂଜା କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ମୁଖ୍ୟଅତିଥି ନାରାୟଣ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ଆରୋଗ୍ୟ ତଥା ଦୀର୍ଘାୟୁ କାମନା କରିଥିଲେ । ଏହି ଅବସରରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏଭଳି ବନ୍ଧୁମିଳନକୁ ସ୍ୱାଗତ କରିଥିଲେ । ରାଉରକେଲାର ୮୦ ବର୍ଷୀୟ ଜଣାଶୁଣା ଯୋଗଗୁରୁ ବିଡି ସାହୁ କମିଟି ତରଫରୁ ମନ୍ତ୍ରୀ ନାୟକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ୮୦ ବର୍ଷ ବୟସ୍କ ପୂର୍ବତନ କର୍ମଚାରୀ ବିଏନ ସିଂହ ସୁଦୂର ରାଞ୍ଚିରୁ ଆସି ବନ୍ଧୁମିଳନରେ ଯୋଗଦେଇଥିଲେ । କୋଲକାତାରୁ ଝୁଲ ବେହେରା, ବ୍ରହ୍ମପୁରରୁ ଭବାନୀ ପଟ୍ଟନାୟକ, ବାଲେଶ୍ୱରରୁ କାମଦେବ ଦାସ ପ୍ରମୁଖ ମଧ୍ୟ ଯୋଗଦେଇଥିଲେ । ଏହି ଅବସରରେ ଆଗାମୀ ବର୍ଷ ପାଇଁ ରାଜକିଶୋର ସୁତାର, ସୀତାକାନ୍ତ ପାତ୍ର ଓ ପ୍ରସନ୍ନଜିତ ସିଂହଙ୍କୁ ପରିଚାଳନା କମିଟିରେ ସର୍ବସମ୍ମତି କ୍ରମେ ଗ୍ରହଣ କରଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ମହାପ୍ରବନ୍ଧକ ଅଯୋଧ୍ୟା ଦାଶ, ଭଗବାନ ସାହୁ, ଆରଆର ବୋଇତି, ଅର୍ଜୁନ କୁମାର, ଜିସି ପତି, କାର୍ତ୍ତିକ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ବିଶ୍ୱାଳ, ଏସକେ ମହାନ୍ତି, ଅମୂଲ୍ୟ ମଲ୍ଲିକ, ଶିଶିରକାନ୍ତ ଦାସ, ରବି ସି, କିଶୋର ମହାନନ୍ଦ, ଦଣ୍ଡପାଣି ପଣ୍ଡା, ତରଣୀସେନ ନାୟକ, ଅଶୋକ କୁମାର ସାହୁ, ଜିସି ମହାଳିକ, ସୁରେଶ ଚନ୍ଦ୍ର ନାୟକ, ରାଜକିଶୋର ସୁତାର, ସୀତାକାନ୍ତ ପାତ୍ର, ଘନ ମୁଦୁଲି, ସୁଶୀଲ ସୁନା, ସୁନ୍ଦରମଣି ରାଉତ, ଇସାଉ ଓରାମ, ଓପି ଚୌଧୁରୀ, ପରମଜିତ ସିଂହ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । କ୍ଷେତ୍ରବାସୀ ସେଠୀ, ଦିଲୀପ କୁମାର ଦାସ, ମୁରଲୀଧର ବେହେରା, ହଜାରିଲାଲ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦିଲୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ପାଳିତ

ରାଉରକେଲା, ୬ ।୨(ସମିସ)




ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ବାଜି ରାଉତ ଶିକ୍ଷା ନିକେତନ ମିଳିତ ଆନୁକୂଲ୍ୟରେ ଇତିହାସ ନିର୍ମାତା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି । ପ୍ରଧାନଶିକ୍ଷୟିତ୍ରୀ ସୌଦାମିନୀ ମୁଦାଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଟ୍ୟକାର ପ୍ରଫୁଲ୍ଲ କୁମାର ସାମଲ ଯୋଗଦେଇ କହିଲେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା ପାଇଁ ମଧୁବାବୁ ଆପ୍ରାଣ ଉଦ୍ୟମ କରିଥିଲେ । ଉତ୍ତମ ନାଗରିକ ଜୀବନ ନିର୍ବାହ ସହ ଉତ୍କଳ ଜାତୀୟତାବୋଧ ସୃଷ୍ଟି ପାଇଁ ସେ ଥିଲେ ସଂକଳ୍ପବଦ୍ଧ । ଓଡ଼ିଆ ଭାଷାଭାଦୀ ଓ ସଂସ୍କୃତିସମ୍ପନ୍ନ ମଣିଷମାନଙ୍କୁ ସଂଘବଦ୍ଧ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସ୍ୱପ୍ନ ସେ ଦେଖିଥିଲେ ।

ଓଡ଼ିଆ ଭାଷା ବିକାଶ ମଞ୍ଚ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ମଧୁବାବୁ ଥିଲେ ଧର୍ମନିରପେକ୍ଷତାର ବିଶ୍ୱାସୀ ଓ ଉଦାରବାଦୀ । ତାଙ୍କ ଜାତୀୟତାବାଦ ସଂକୀର୍ଣ୍ଣ କିମ୍ବା ମୌଳବାଦ ଭିତ୍ତିକ ନୁହେଁ । ସେ ଅନୁଭବ କରିଥିଲେ, ଉତ୍କଳ ମାତାର ଉନ୍ନତିରେ ହିଁ ଭାରତ ମାତାର ଉନ୍ନତି । ଯାହାଙ୍କ ପାଇଁ ଆଜି ଓଡ଼ିଶା, ଏକ ଭାଷାଭିତ୍ତିକ ରାଜ୍ୟ ପ୍ରତିଷ୍ଠା ହୋଇପାରିଛି ଏବଂ ଏଥିପାଇଁ ଆମେ ଗର୍ବ ଅନୁଭବ କରୁଛୁ ବୋଲି କହିଥିଲେ ।

ସଭାପତିତ୍ୱ ଅଭିଭାଷଣରେ ପ୍ରଧାନଶିକ୍ଷୟିତ୍ରୀ ମୁଦାଲି ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ ଉପାଦେୟ ହୋଇପାରିବ ବୋଲି ମତ ରଖିଥିଲେ । ଏହି ଅବସରରେ ବିଦ୍ୟାଳୟ ଛାତ୍ରୀ ଇତିଶ୍ରୀ ସାମଲ, ସାଇ ସାଲୋନୀ ମଲ୍ଲିକ, ଶୁଭ୍ରାରାଣୀ କର, ସାଇଶ୍ରୀ ପଣ୍ଡା ଉତ୍କଳଗୌରବଙ୍କ ଜାତୀୟ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ରଖି ତାଙ୍କ କବିତାଗୁଡ଼ିକୁ ସୁନ୍ଦର ଭାବରେ ଆବୃତ୍ତି କରିଥିଲେ । ଛାତ୍ରୀ ଦୀପିକା ବିଶ୍ୱାଳ, ଶୁଭ୍ରାରାଣୀ କର, ଇତିକା ବିଶ୍ୱାଳ, ସାଇଶ୍ରୀ ପଣ୍ଡା, ଜ୍ୟୋତି ନାୟକ, ତେଜସ୍ୱିନୀ ବେହେରା ନିଜ ସୁମଧୁର କଣ୍ଠରେ ଓଡ଼ିଶାର ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଓଡ଼ିଶାର ଐତିହ୍ୟ ଓ ସାହିତ୍ୟ ସଂସ୍କୃତି ଉପରେ ହୋଇଥିବା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗନେଇ ଠିକ୍ ଉତ୍ତର ଦେଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ସହ ଶିକ୍ଷୟିତ୍ରୀ ସୁଜାତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ବିପିନବିହାରୀ ସାମନ୍ତସିଂହାର ଓ ବିମଳ ମନ୍ତ୍ରୀ ସହଯୋଗ କରିଥିଲେ ।

# ସ୍ୱାଧୀନତା ସଂଗ୍ରାମରେ ବାମପନ୍ଥୀଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର

**ରାଉରକେଲା,୬ ।୨(ସମିସ)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବାମପନ୍ଥୀମାନଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଭଞ୍ଜଭବନସ୍ଥିତ ଆଦର୍ଶ ପାଠାଗାରରେ ଅନୁଷ୍ଠିତ ହୋଇଛି । ଏଥିର ବିଶ୍ୱ ଶିକ୍ଷକ ମହାସଂଘ ସଭାପତି ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ଅତିରିକ୍ତ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଅବସରପ୍ରାପ୍ତ ଇତିହାସ ବିଭାଗ ପ୍ରଫେସର ଡ. ଅମିୟ କୁମାର ମହାନ୍ତି ଓ ଐତିହାସିକ ଡ. ପ୍ରଭାତ ମଲ୍ଲିକ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବାମପନ୍ଥୀମାନଙ୍କ ଅବଦାନ ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ । ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧୀ ସଂଗ୍ରାମରେ ବହୁ କମ୍ୟୁନିଷ୍ଟ ନେତା ବ୍ରିଟିଶରମାନଙ୍କ ଗୁଳିରେ ସହିଦ ହୋଇଛନ୍ତି । ବର୍ଷ ବର୍ଷ ଧରି ଜେଲ୍ ଜୀବନ ବିତାଇଛନ୍ତି । ବିଟିଶରମାନେ କାନପୁର, ପେଶୱାର ଓ ମିରଟ ମକଦ୍ଦମାରେ ଅନେକ କମ୍ୟୁନିଷ୍ଟ ନେତାଙ୍କୁ ମିଥ୍ୟା ମକଦ୍ଦମାରେ ଜେଲ ପଠାଇଥିଲେ ମଧ୍ୟ ବାମପନ୍ଥୀମାନେ ଦବି ନ ଯାଇ ସ୍ୱାଧୀନତା ଆନ୍ଦୋଳନ ତୀବ୍ର କରିଥିଲେ । ଭାରତର ରାଜନୈତିକ ସ୍ୱାଧୀନତା ସହ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ସ୍ୱାଧୀନତା ପାଇଁ କମ୍ୟୁନିଷ୍ଟମାନେ ସଂଗ୍ରାମ ଜାରି ରଖିଥିଲେ । ସାମ୍ପ୍ରତିକ ପରିସ୍ଥିତରେ କେନ୍ଦ୍ର ସରକାର ଇତିହାସକୁ ବଦଳାଇ ପ୍ରକୃତ ତଥ୍ୟକୁ ଜନମାନସରୁ ଲିଭେଇଦେବା ପାଇଁ ଉଦ୍ୟମ କରୁଥିଲେ ହେଁ ତାହା ସଫଳ ହେବ ନାହିଁ ବୋଲି ବକ୍ତାଦ୍ୱୟ ମତ ପ୍ରକାଶ କରିଥିଲେ ।




ପ୍ରାରମ୍ଭରେ ସିପିଆଇ ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ସଦାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ ସହ ସାମ୍ପ୍ରତିକ ପରିସ୍ଥିତିରେ ଏଭଳି ଏକ ଆଲୋଚନାଚକ୍ରର ଆବଶ୍ୟକତା ଦୃଷ୍ଟିରୁ ପାର୍ଟି ତରଫରୁ ଏହା ଆୟୋଜନ କରାଯଇଥିବା କହିଥିଲେ । ସ୍ୱାଧୀନତା ଆନ୍ଦୋଳନରେ ବ୍ରିଟିଶରମାନଙ୍କୁ ସହଯୋଗ କରି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ କାମ କରିଥିବା ନେତୃତ୍ୱର ବଂଶଧରମାନେ ଆଜି ରାଷ୍ଟ୍ରଭକ୍ତ କହି ବୋଲିବା ହାସ୍ୟାସ୍ପଦ ବୋଲି କହିବା ସହ ଆଗମୀ ପିଢ଼ି ଏମାନଙ୍କୁ କେବେ କ୍ଷମା ଦେବନାହିଁ ବୋଲି କହିଥିଲେ । ସିପିଆଇ ସହ ସମ୍ପାଦକ ସୁନୀଲ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିପିଏମର ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ପ୍ରଗତିଶୀଳ କବି ଆର୍ତ୍ତତ୍ରାଣ ମହାପାତ୍ର ବିପ୍ଳବ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିମାନ ମାଇତି, ବୈଦ୍ୟନାଥ ଦାସ, ବାସୁଦେବ ସାହୁ, ଗୌରାଙ୍ଗ ସେଠୀ, ଅକ୍ଷୟ ସାମଲ, ବ୍ରଜେନ୍ଦ୍ର ଦାସ, ରମେଶ ସେଠୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ ।

# ୨ ବାଇକ୍ ଧକ୍କା; ଜଣେ ମୃତ

**ସୁନ୍ଦରଗଡ଼,୬ ।୨(ସମିସ):** ଧରୁଆଡିହି ଥାନା ଅନ୍ତର୍ଗତ ଲେଡ଼ିମଙ୍ଗ ବାବୁପଡ଼ା ନିକଟରେ ୨ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ସମରଡିହି ଗ୍ରାମର ଅଶୋକ ନାୟକ । ମିଳିଥିବା ସୂଚନା ଅନୁଯାୟୀ ସୋମବାର ସନ୍ଧ୍ୟାରେ ସମରଡିହି ଗ୍ରାମର ନିମାଇଁ ଭୋଇ ଓ ତାଙ୍କ ସାଙ୍ଗ ଅଶୋକ ଏକ ବାଇକ୍ ଯୋଗେ ବାଗଡିହିରୁ ମୋବାଇଲ ମରାମତି କରି ଘରକୁ ଫେରୁଥିଲେ । ବାବୁପଡ଼ା ନିକଟରେ ବିପରୀତ ଦିଗରୁ ଆସୁଥିବା ନୀଳକଣ୍ଠ ପୂଝାରୀଙ୍କ ବାଇକ ସହ ଏମାନଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ନିମାଇଁ ଏବଂ ଅଶୋକ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ମଝାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ସୁନ୍ଦରଗଡ଼ ଜିଲ୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଅଶୋକଙ୍କ ମୃତ୍ୟୁ ଘଟିଥିଲା । ଅଭିଯୋଗ ପାଇ ପୁଲିସ ମଙ୍ଗଳବାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଥାନାରେ ମାମଲା ରୁଜୁ କରାଯାଇ ଦୁର୍ଘଟଣାଗ୍ରସ୍ତ ବାଇକଗୁଡ଼ିକୁ ଜବତ କରାଯାଇଛି ।

# ଚୁନାଘାଟିରେ ପୁଣି ଦୁର୍ଘଟଣା: ବର୍ତ୍ତିଲେ ଚାଳକ

**କୋଇଡ଼ା,୬ ।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଚୁନାଘାଟିରେ ମଙ୍ଗଳବାର ଏକ ଦୁର୍ଘଟଣା ଘଟିଛି । ଏକ ୧୮ ଚକିଆ ଟ୍ରେଲର କୋଇଡ଼ା ଅଞ୍ଚଳରୁ ଲୁହାପଥର ବୋଝେଇ କରି ଛତିଶଗଡ଼ ଯିବା ସମୟରେ ଘାଟିରେ ଭରସାମ୍ୟ ହରାଇ ରାସ୍ତା ମଝିରେ ଓଲଟି ପଡ଼ିଥିଲା । ତେବେ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଖବର ପାଇ ପୁଲିସ ଓ ଜାତୀୟ ରାଜପଥ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରିବା ସହ କ୍ରେନ ସାହାଯ୍ୟରେ ଟ୍ରକକୁ ଉଠାଇଥିଲେ । ସୂଚନାଯୋଗ୍ୟ, ବିଗତ ଦିନରେ ସମାନ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହୋଇଛି । ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ପାଇଁ ଚୁନାଘାଟିରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଥିଲେ ମଧ୍ୟ ଏନଏଚଏଆଇ କର୍ତ୍ତୃପକ୍ଷ ଏ ନେଇ ନିରବଦ୍ରଷ୍ଟା ସାଜିଛନ୍ତି ।



# ନକଲି ସସ୍ କାରଖାନାରେ ଚଢ଼ଉ; ମାଲିକ ଗିରଫ

**ରାଉରକେଲା,୬ ।୨(ସମିସ):** ଜଗଦାସ୍ଥିତ ଟୁଙ୍ଗୁରିଟୋଲାଠାରେ ଚାଲିଥିବା ନକଲି ସସ୍ କାରଖାନାରେ ଝିରପାଣି ଥାନା ପୁଲିସ ଚଢ଼ଉ କରିଛି । ସେଠାରୁ ମୋଟ ୫୧୦ ସସ୍ ବୋତଲ ଜବତ କରାଯାଇ ମାଲିକ ତୁଳସୀ ଦାସ (୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ପୁଲିସ ସୂଚନା ମୁତାବକ, ଉକ୍ତ ଅଞ୍ଚଳରେ ନକଲି ସସ୍ କାରଖାନା ଚାଲିଥିବା ଅଭିଯୋଗ ହୋଇଥିଲା । ଏହି ଆଧାରରେ ପୁଲିସ ସୋମବାର ଚଢ଼ଉ କରିଥିଲା । ଅଭିଯୁକ୍ତ ତୁଳସୀ ଦାସ ବାବା ନାମକ ସସ୍ ତିଆରି କରି ଦୁଇ ବର୍ଷ ହେବ ବିଭିନ୍ନ ସ୍ଥାନରେ ବିକ୍ରି କରି ଆସୁଥିଲେ । କଖାରୁ ଓ ଆଳୁକୁ ପଚାଇ ଅପମିଶ୍ରିତ ସସ ତିଆରି କରୁଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ



**ରାଉରକେଲା,୬ ।୨(ସମିସ):** ରାଉରକେଲା ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାନୁଆରୀ ୧୬ ତାରିଖରୁ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ନିମନ୍ତେ ଆରମ୍ଭ ହୋଇଥିବା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି । ଶିବିରକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରକାଶ କୁମାର କର ଉଦଘାଟନ କରିଥିଲେ । ଶିବିରରେ ମୋଟ ୩୩୪ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ । ନିକ୍କୀ କୁମାରୀ କୁଶ୍ୱାହା, ସ୍ୱାଗତିକା ସାହୁ, ତୁଳସୀ ସାହୁ, ଗାୟତ୍ରୀ ସାହୁ, ଅସ୍ୱାନୀ ମିଞ୍ଜ ଏବଂ ନାସରିନ ଖାନ୍ ପ୍ରମୁଖ ୬ ଜଣ ମାଷ୍ଟର ଟ୍ରେନର ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶିବିର ସଂଯୋଜକ କ୍ୟାପଟେନ ସତ୍ୟନାରାୟଣ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦଯାପନୀ ଉତ୍ସବରେ ତାଲିମପ୍ରାପ୍ତ ସମସ୍ତ ଛାତ୍ରୀଙ୍କୁ ଅଧ୍ୟକ୍ଷ ଡ. କର ମାନପତ୍ର ପ୍ରଦାନ କରିଥିଲେ ।

# ମାଟ୍ରିକ ପରୀକ୍ଷାର୍ଥୀଙ୍କ ଉତ୍ସାହ ବୃଦ୍ଧି କାର୍ଯ୍ୟକ୍ରମ



**ରାଉରକେଲା,୬ ।୨(ସମିସ):** ଉଦିତନଗର ହାଇସ୍କୁଲ ଆଲୁମନି ଆସୋସିଏସନ୍ ଓ ଛେଣ୍ଡ ଲାୟନ୍ସ କ୍ଲବର ମିଳିତ ଆନୁକୂଲ୍ୟରେ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀଙ୍କ ସଭାପତିତ୍ୱ ଓ ଆସୋସିଏସନ୍ ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀମାନଙ୍କୁ ଆର୍ଶୀର୍ବାଦ ସ୍ୱରୂପ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ କଲମ, ବିସ୍କୁଟ ଓ ମୃଦୁ ପାନୀୟ ବଣ୍ଟନ କରାଯାଇଥିଲା । କ୍ଲବ୍ ସଭାପତି ସରୋଜ କୁମାର ପାତ୍ର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆଶିର୍ବଚନ ପ୍ରଦାନ କରିଥିଲେ । ଆସୋସିଏସନର ବରିଷ୍ଠ ସଦସ୍ୟ ଗଗନ ପଣ୍ଡା ଉଦଘାଟକ ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଭଲ ପାଠ ପଢ଼ି ଦେଶ, ରାଜ୍ୟ ଓ ବିଦ୍ୟାଳୟର ନାଁ ରଖିବା ସହ ଦେଶର ଭବିଷ୍ୟତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତୁ ବୋଲି କହିଥିଲେ । ଆସୋସିଏସନ କୋଷାଧ୍ୟକ୍ଷ ବିଷ୍ଣୁଚରଣ ଦାସ, ସୁରେଶ ପ୍ରସାଦ ଲେଙ୍କା, ରଞ୍ଜନ କୁମାର ବେହେରା, କ୍ଲବର ସୂର୍ଯ୍ୟନାରାୟଣ ପାତ୍ରଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ସତ୍ୟସାଇ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

**ରାଉରକେଲା,୬ ।୨(ସମିସ):** ସ୍ଥାନୀୟ ଉଦିତନଗର ଓରାମପଡ଼ାସ୍ଥିତ ପ୍ରଶାନ୍ତି ବିହାର ସତ୍ୟସାଇ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଉତ୍ସବରେ ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ମନ୍ତ୍ରୀ ନାୟକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉପଦେଶ ଦେବା ଅବସରରେ ସାମ୍ପ୍ରତିକ ପରିସ୍ଥିତିରେ ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା ସାମାଜ ତଥା ଦେଶରେ ଶାନ୍ତ ବାତାବରଣ ଫେରାଇ ଆଣିବାରେ ବିଶେଷ ସହାୟକ ହେବ ବୋଲି କହିଥିଲେ । ଭଗବାନ ଶ୍ରୀ ସତ୍ୟସାଇ ବାବା ସମାଜରେ ଆଧ୍ୟାତ୍ମିକ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପାନୀୟ ଜଳ ସମସ୍ତଙ୍କୁ ଉପଲବ୍ଧ ହେଉ ବୋଲି ଚାହୁଁଥିଲେ । ପ୍ରତ୍ୟେକ ବର୍ଗର ଲୋକଙ୍କ ନିମନ୍ତେ ପୁଟପର୍ତ୍ତି, ବାଙ୍ଗାଲୋର, ଜୟପୁର ଓ ରାୟପୁରରେ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି । ଯେଉଁ ଶିକ୍ଷା ସହିତ ମାନବିକ ମୂଲ୍ୟବୋଧ, ଆଧ୍ୟାତ୍ମିକ ଚେତନା ବିଷୟରେ ଶିକ୍ଷା ଦିଆଯାଇ ନ ଥାଏ, ତାହା ପ୍ରକୃତ ଶିକ୍ଷା ନୁହେଁ ବୋଲି ନାୟକ କହିଥିଲେ । ବର୍ତ୍ତମାନ ପୃଥିବୀରେ ୧୯୧ ଦେଶରେ ସତ୍ୟସାଇ ସେବା ସମିତି କାର୍ଯ୍ୟକ୍ଷମ ହେଉଥିବା ବେଳେ ବିଭିନ୍ନ ପାଠ୍ୟକ୍ରମରେ ବାବାଙ୍କ ପୁସ୍ତକ ସାମିଲ ହୋଇଛି ବୋଲି ସେ ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବେ ଅନ୍ୱେଷାର ଅଧ୍ୟକ୍ଷ ପ୍ରମୋଦ କୁମାର ପଟେଲ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥ ଭାବେ ପୂର୍ବତନ ସଭାପତି ଆନନ୍ଦ ଆଚାର୍ଯ୍ୟ ଶିକ୍ଷାର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ ।




ସମାଜସେବୀ ଗଗନ ପଣ୍ଡା ବକ୍ତବ୍ୟ ରଖିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ତ୍ରିଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଭାଗବତ କୁମାର ସାହୁ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ସତ୍ୟସାଇ ସେବା ସମିତିର ଆବାହକ, ସଦସ୍ୟଙ୍କ ସମେତ ଅନାତ ରାଉତ, ବିଭୂତି ଭୂଷଣ ପଟ୍ଟନାୟକ ସହଯୋଗ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ ।

# ଆଇଜିଏଚ୍‌ରେ ଅତ୍ୟାଧୁନିକ କ୍ୟାପସୁଲ୍ ଏଣ୍ଡୋସ୍କୋପି ମେସିନ୍ ସ୍ଥାପିତ

**ରାଉରକେଲା,୬ ।୨(ସମିସ):** ସମସ୍ତ ପଣଧାରୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଏହାର ପ୍ରତିବଦ୍ଧତାକୁ ଦୋହରାଇ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ୍) ରେ ଅତ୍ୟାଧୁନିକ କ୍ୟାପସୁଲ୍ ଏଣ୍ଡୋସ୍କୋପି ମେସିନ୍ ସ୍ଥାପନ କରାଯାଇଛି । ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ଦ୍ଦେଶକ ଡା. ବିକେ ହୋତା ଏହି ଉପକରଣକୁ ହସ୍ପିଟାଲର ଏଣ୍ଡୋସ୍କୋପି ରୁମ୍‌ରେ ଉଦଘାଟନ କରିଥିଲେ । ଏହି ଅବସରରେ ନିଶ୍ଚେତକ ବିଭାଗ ସିଏମଓ ଡା. ଏନପି ସାହୁ, ଅସ୍ଥିଶଲ୍ୟ ବିଭାଗ ସିଏମଓ ଡା. ଏଲକେ ବିଶ୍ୱାଳ, ଭେଷଜ ବିଭାଗ ସିଏମଓ ଡା. ପିକେ ମହାପାତ୍ର, କାର୍ମିକ ବିଭାଗ ଜିଏମ ଜିଆର ଦାସଙ୍କ ସମେତ ବହୁ ଡାକ୍ତର, ପାରାମେଡିକାଲ୍ କର୍ମଚାରୀ ଉପସ୍ଥିତ ଥିଲେ ।

ଏହି ଅତ୍ୟାଧୁନିକ ଉପକରଣ ଚିକିତ୍ସା କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଅଗ୍ରଗତି ଯାହା ପାଚନ ପ୍ରକ୍ରିୟାର ପ୍ରାଞ୍ଜଳ ଚିତ୍ର ଉତ୍ତୋଳନ କରିବା ପାଇଁ ଏକ ନନ୍-ଇଭାସିଭ ଏବଂ ଯନ୍ତ୍ରଣାଶୂନ୍ୟ ପଦ୍ଧତି ଅଟେ । ଏହି ପଦ୍ଧତିରେ ରୋଗୀମାନେ ସୂକ୍ଷ୍ମ କ୍ୟାମେରାରେ ସଜ୍ଜିତ ଏକ କ୍ଷୁଦ୍ର କ୍ୟାପସୁଲକୁ ଗିଳିଥାନ୍ତି । କ୍ୟାପସୁଲ୍ ପାଚନ ପ୍ରକ୍ରିୟାକୁ ଅତିକ୍ରମ କରିବା ସମୟରେ ଏହା ହାଇ ରିଜୋଲ୍ୟୁସନ ପ୍ରତିଛବି ଉତ୍ତୋଳନ କରିଥାଏ, ଯାହା ଚିକିତ୍ସକ ଦଳଙ୍କୁ ବିଭିନ୍ନ ଗ୍ୟାଷ୍ଟ୍ରୋଏଣ୍ଟିଷ୍ଟିନିକାଲ୍ ଅବସ୍ଥାକୁ ସଠିକ୍ ଭାବରେ ଅଧ୍ୟୟନ କରିବା ଏବଂ ରୋଗ ନିରୂପଣ କରିବାରେ ସକ୍ଷମ କରିଥାଏ ।

କ୍ୟାପସୁଲ ଏଣ୍ଡୋସ୍କୋପି ମେସିନର ସ୍ଥାପନା ମେଡିକାଲ ଟେକ୍ନୋଲୋଜି କ୍ଷେତ୍ରରେ ସମ୍ମୁଖରେ ରହିବାକୁ ଆଇଜିଏଚର ଅଦମ୍ୟ ପ୍ରତିବଦ୍ଧତାକୁ ସୂଚିତ କରେ । ମେଡିକାଲ ଡାଇଗ୍ନୋଷ୍ଟିକ୍ସରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହ ଗୋଷ୍ଠୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଏହା ହସ୍ପିଟାଲର ଉତ୍ସର୍ଗକୁ ପ୍ରତିଫଳିତ କରୁଛି ।

# ଶାରଳା ମନ୍ଦିର ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବ



**ରାଉରକେଲା,୬ ।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପତାଞ୍ଜଳି ଯୋଗ ପରିବାର ଦ୍ୱାରା ପରିଚାଳିତ ଶକ୍ତିନଗର ଶାରଳା ମନ୍ଦିର ଯୋଗକେନ୍ଦ୍ରର ୧୫ତମ ବାର୍ଷିକ ଉତ୍ସବ ବରିଷ୍ଠ ଯୋଗ ଶିକ୍ଷୟିତ୍ରୀ ତଥା ପରିଚାଳିକା ସାବିତ୍ରୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଅରବିନ୍ଦ ପଣ୍ଡାଙ୍କ ପୌରୋହିତ୍ୟରେ ବିଶ୍ୱ କଲ୍ୟାଣ ନିମନ୍ତେ ଯଜ୍ଞ ହବନ କରାଯାଇଥିଲା । ସହ ରାଜ୍ୟ ପ୍ରଭାରୀ ଅକ୍ରୁର ମାର୍ଥା ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଦିକ ରୀତିନୀତି ଅନୁଯାୟୀ ମନ୍ତ୍ରପାଠ ପୂର୍ବକ ଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଯୋଗର ଆବଶ୍ୟକତା ଓ ଏହାଦ୍ୱାରା ବ୍ୟକ୍ତି ତଥା ସମାଜ ଓ ଦେଶର ଆର୍ଥିକ ପ୍ରଗତିରେ ଅବଦାନ ଉପରେ ଚର୍ଚ୍ଚା କରିଥିଲେ । ଯୋଗକୁ ବିଶ୍ୱ ଦରବାରରେ ପ୍ରଚାର ପ୍ରସାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବାବା ରାମଦେବଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ସାବିତ୍ରୀ ସେନାପତି ଗୁରୁ ବନ୍ଦନା ଗାନ କରିବା ସହ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିଥିଲେ । କଠିନ ପରିଶ୍ରମ ଓ ନିଷ୍ଠାପର କାର୍ଯ୍ୟ ପାଇଁ ଜିଲ୍ଲା ପକ୍ଷରୁ ତାଙ୍କୁ ତାଙ୍କ ପତି ଧରଣୀଧର ସେନାପତିଙ୍କ ଉପସ୍ଥିତିରେ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଜିଲ୍ଲା ମହିଳା ପତଞ୍ଜଳି ଯୋଗ ସମିତିର ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ, ଜିଲ୍ଲା ବିଏସଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲ୍ଲା ଯୋଗ ସମିତି ପ୍ରଭାରୀ ପ୍ରଦୀପ୍ତ ସାହୁ, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ ଜିଲ୍ଲା ସୋସିଆଲ ମିଡିଆ ମହିଳା ପ୍ରଭାରୀ ଆରତୀ କର, ବରିଷ୍ଠ ଯୋଗ ଶିକ୍ଷକ କପିଳେଶ୍ୱର ମହାରଣା ଯୋଗର ବ୍ୟାପକତା ଓ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ । ସୋନମ୍ ରଜକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଯୋଗ ଶିକ୍ଷୟିତ୍ରୀ କବିତା ବୋଇତି, ସାଧକ ସାଧିକା ଏ.ଏଲ ସୁବୁଦ୍ଧି, ଗୋଲକ ଚନ୍ଦ୍ର ସେନାପତି, ସୁଜାତା ମହାପାତ୍ର, ଅର୍ଚ୍ଚନା ପ୍ରସାଦ, ସଞ୍ଜୁ ସିଂ, ମମତା ରାଠୋର, ମୌସୁମୀ ମହାରଣା, ଶିଧିକ୍ସା ମହାରଣା, ମୀନା ପାତ୍ର, ଜ୍ୟୋତିର୍ମୟୀ ଶତପଥୀ, ତନୁବାଳା ପ୍ରଧାନ, ନିରୂପମା ପଣ୍ଡା, ସଞ୍ଜୁକ୍ତା ସ୍ୱାଇଁ, ପଦ୍ମା ମହାନ୍ତ, ମମତା ସେନାପତି, ସଞ୍ଜୁକ୍ତା ଦାସ, ଅନ୍ନପୂର୍ଣ୍ଣା ଦାସ, ସୁଷମା ଦାସ, ମମତା ଜେନା, ସମିତା ସ୍ୱାଇଁ, ବୀଣାପାଣି ଜେନା, ବିଜୟଲକ୍ଷ୍ମୀ ପଣ୍ଡା, କଳ୍ପନା କବି, ପାୟଲ ସିଂ ଏବଂ ମନ୍ଦିର କମିଟି ତରଫରୁ ସରୋଜ ଦାସ ଉପସ୍ଥିତ ଥିଲେ ।

## ଭାଲେଣ୍ଟାଇନ ସପ୍ତାହ ପାଇଁ ଜୋର୍ ଧରିଲାଣି ବେପାର

# ମନ କିଣୁଛି ଯୁଗଳ କଣ୍ଢେଇ, ଲଭ୍ ସିମ୍ବଲ ଲାଇଟ୍

**ରାଉରକେଲା,୬ ।୨(ସମିସ)**

ଛୋଟ ଛୋଟ ଯୁଗଳ କଣ୍ଢେଇ । ତା' ସହିତ ଲାଇଟିଂ ଓ ମ୍ୟୁଜିକଲ ଡ୍ରମ୍ । ଏକ୍ସପ୍ଲୋଜନ ବକ୍ସ ସାଙ୍ଗକୁ ବିଭିନ୍ନ ଡିଜାଇନର ଗିଫ୍ଟ ବକ୍ସ । ସବୁଥିରେ ରହିଛି ପ୍ରେମ ସମ୍ପର୍କିତ ବାର୍ତ୍ତା । ଏଥିସହ ମନ କିଣୁଛି ଭଳିକି ଭଳି ଲଭ୍ କାର୍ଡ । ଭଲେଣ୍ଟାଇନ ସପ୍ତାହକୁ ଦୃଷ୍ଟିରେ ରଖି ରାଉରକେଲା ସହରର ଗିଫ୍ଟ ଦୋକାନଗୁଡ଼ିକ ବ୍ୟବସାୟ ପାଇଁ ପ୍ରସ୍ତୁତ ହୋଇ ସାରିଛନ୍ତି ।

ପ୍ରେମ ସମ୍ପର୍କକୁ ମଜବୁତ୍ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇଥାଏ ଭାଲେଣ୍ଟାଇନ ସପ୍ତାହ । ପାଶ୍ଚାତ୍ୟ ଦେଶମାନଙ୍କରେ ଏହି ସପ୍ତାହର ବେଶ୍ ଗୁରୁତ୍ୱ ରହିଛି । ପ୍ରେମର ସପ୍ତାହ ଭାବେ ସାରା ବିଶ୍ୱ ଏହାକୁ ପାଳନ କରିଥାଏ । କିଛି ଦଶନ୍ଧି ଧରି ଭାରତରେ ଭଲେଣ୍ଟାଇନ ଡେ'ର ଅଦୃତି ବଢ଼ିଛି । ଫେବୃଆରୀ ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରେମ ସପ୍ତାହ ପାଳନ କରାଯାଇଥାଏ । ଯୁବପିଢ଼ି ୭ ତାରିଖରୁ ପ୍ରତ୍ୟେକ ଦିନକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଦିନ ଭାବେ ପାଳନ କରିଥାନ୍ତି । ୭ ତାରିଖ ରୋଜ ଡେ', ୮ ତାରିଖ ପ୍ରପୋଜ ଡେ', ୯ ତାରିଖ ଚକୋଲେଟ୍ ଡେ', ୧୦ ତାରିଖ ଟେଡି ଡେ', ୧୧ ତାରିଖ ପ୍ରମିଜ୍ ଡେ', ୧୨ ତାରିଖ ହଗ୍ ଡେ', ୧୩ ତାରିଖ କିସ୍ ଡେ' ଓ ୧୪ ତାରିଖ ଭାଲେଣ୍ଟାଇନ ଡେ' ଭାବେ ପାଳନ କରାଯାଏ । ଏହି ସପ୍ତାହରେ ପ୍ରେମୀଯୁଗଳମାନେ ପରସ୍ପରକୁ ବିଭିନ୍ନ ଉପହାର ପ୍ରଦାନ କରି ଖୁସି କରାଇବାକୁ ଚେଷ୍ଟା କରିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମଧ୍ୟ ଗିଫ୍ଟ ଦୋକାନଗୁଡ଼ିକରେ ବହୁ ରକମର ଉପହାର ସାଙ୍ଗକୁ ଆକର୍ଷଣୀୟ କାର୍ଡ ବିକ୍ରି ହେଉଛି । ଏଥିରେ ଫଟୋ ଲଭ୍ କାର୍ଡ, ଏକ୍ସ୍‌ପ୍ଲୋଜନ୍ ବକ୍ସ କାର୍ଡ, ଚକୋଲେଟ୍ ବକ୍ସ ଆଦି ଅନେକ ଡିଜାଇନର କାର୍ଡ ରହିଛି । ଏହି ସବୁର ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଯୁବପିଢ଼ିଙ୍କୁ ଆକର୍ଷିତ କରିବା ପାଇଁ ସ୍ୱତନ୍ତ୍ର ଉପହାରମାନ ଦୋକାନରେ ମିଳୁଛି । ତାହା ମଧ୍ୟରେ ମ୍ୟୁଜିକାଲ ଓ ଲାଇଟିଂ ଡ୍ରମ, ସ୍ପେଶାଲ ଲଭ୍ ଡିଜାଇନର ମେସେଜ ବକ୍ସ, ଲାଇଟିଂ ମେସେଜ ବକ୍ସ, ଲାଇଟିଂ ଲଭ୍ ସିମ୍ବଲ୍ ଅଧିକ ମାତ୍ରାରେ ବିକ୍ରି ହେଉଛି । ବଡ଼ ବଡ଼ ଉପହାର ଅପେକ୍ଷା ଛୋଟ ଯୁଗଳ କଣ୍ଢେଇ ସହ ଲଭ୍ ସିମ୍ବଲ ଲାଇଟ ଆଦି ଉପହାର ଯୁବପିଢ଼ିଙ୍କ ମନ କିଣୁଛି । ଏ ବର୍ଷ ବିଭିନ୍ନ ସ୍ଥାନରୁ ଅନେକ ଡିଜାଇନର ଉପହାର ଆସିଛି । ଯୁବପିଢ଼ିଙ୍କ ଡିମାଣ୍ଡକୁ ଦୃଷ୍ଟିରେ ରଖି ଉପହାର ଅଣାଯାଇଛି ବୋଲି ବ୍ୟବସାୟୀମାନେ କହିଛନ୍ତି ।



### ମା' ଆରପାରିରେ, ବାପା ଜେଲ୍‌ରେ

# ଘୋର ଦୁର୍ଦ୍ଦଶାରେ ୪ ବେସାହାରା ଶିଶୁ ସନ୍ତାନ

ସୁନ୍ଦରଗଡ଼, ୬ ।୨(ସମିସ)



ବାପା ମାଡ଼ରେ ମା'ର ଜୀବନ ଗଲା। ହତ୍ୟା ଅଭିଯୋଗରେ ବାପା ଏବେ ବିଚାର ବିଭାଗୀୟ ଜେଲ୍ ହାଜତରେ। ଘରେ କେବଳ ୮୫ ବର୍ଷୀଆ ଆଈ ଅଛନ୍ତି। ଉପଯୁକ୍ତ ଦେଖାଶୁଣା କରିବାକୁ ତାଙ୍କ ସାମର୍ଥ୍ୟ ନାହିଁ। ଫଳରେ ଏହି ଦମ୍ପତିଙ୍କ ଚାରି ଶିଶୁ ସନ୍ତାନ ଘୋର ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ଏପରି ଦୁଃଖଭରା ଘଟଣା ଉଷ୍ଣା ଥାନା ଅନ୍ତର୍ଗତ ବାଉଁଶମୁଣ୍ଡା ଗ୍ରାମରେ ଦେଖିବାକୁ ମିଳିଛି।

୪ କୁନି ପୁଅଝିଅଙ୍କୁ ନେଇ ବାଉଁଶମୁଣ୍ଡା ଗ୍ରାମର ଅର୍ଜୁନ ମୁଣ୍ଡା (୩୮) ଓ ତାଙ୍କ ପତ୍ନୀ ଅନୀତା ମୁଣ୍ଡାଙ୍କ ଗରିବ ସଂସାର କଷ୍ଟେମଷ୍ଟେ ଚଳି ଆସୁଥିଲା। ଅର୍ଜୁନ ମଦ୍ୟପ ହୋଇଥିବା ଓ କିଛି କାମଧନ୍ଦା କରୁ ନ ଥିବାରୁ ଅନୀତାଙ୍କୁ ପର ଘରେ ମୂଲ ଲାଗି ପରିବାର ଚଳାଇବାକୁ ପଡୁଥିଲା। ବଡ଼ପୁଅ ବାଦଲ (୧୪) ସମେତ ତିନି କୁନି ଝିଅ ପ୍ରିୟା (୧୨), ରିୟା (୯) ଓ ରୀନା (୭)ର ଭବିଷ୍ୟତ ଚିନ୍ତା ଘାରିଥିଲା। ତେବେ ଏହି କୁନି ପିଲାଙ୍କ ଭବିଷ୍ୟତରେ ଦଇବ ଭଗାରୀ ସାଜି ତାଙ୍କ ମାଆଙ୍କୁ ଛଡ଼ାଇ ନେଇଛି। କିଛି ମାସ ତଳେ ମଦ୍ୟପ ବାପାର ମାଡ଼ରେ ମାଆର ମୃତ୍ୟୁ ଘଟିଛି। ଏହା ପରେ ପତ୍ନୀହତ୍ୟା ଅଭିଯୋଗରେ ଅର୍ଜୁନ ଜେଲରେ ବିଚାରାଧୀନ ବନ୍ଦୀ ଜୀବନ ବିତାଉଛନ୍ତି। ମାଆର ମୃତ୍ୟୁ ଓ ବାପା ଜେଲ୍ ଯିବା ପରେ ୮୦ ବର୍ଷୀଆ ବିଧବା ଆଈ ଭରସାରେ ଏହି ଚାରି କୁନିପିଲା ରହିଛନ୍ତି। କେବଳ ୭୦୦ ଟଙ୍କା ଭତ୍ତା ବ୍ୟତୀତ ତାଙ୍କର ଅନ୍ୟ କିଛି ଆୟ ନ ଥିବାରୁ ୪ ନାତି ନାତୁଣୀଙ୍କ ଲାଳନପାଳନ କରିବା ତାଙ୍କ ପକ୍ଷେ କାଠିକର ହୋଇ ପଡୁଛି। ଏ ସ୍ଥିତିରେ ବଡ଼ପୁଅ ଇଟା ଗଡ଼ା କାର୍ଯ୍ୟରେ ଗୋଟି ଖଟିବାକୁ ଯାଉଛି। ପାଠପଢ଼ାରେ ତା'ର ଡୋରି ପଡ଼ିଛି। ଚାରି ପିଲାଙ୍କ ଭବିଷ୍ୟତ ଅନ୍ଧାର ହୋଇଯାଇଛି। ଏଣୁ ପ୍ରଶାସନ ଉକ୍ତ ୪ ବେସାହାରା ପିଲାଙ୍କ ଥଇଥାନ ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ସଂସ୍କୃତ ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତି ସଂସାଧନ ଶୀର୍ଷକ ଆଲୋଚନାଚକ୍ର



**ସୁନ୍ଦରଗଡ଼, ୬ ।୨(ସମିସ):** ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ସଂସ୍କୃତ ବିଭାଗ ଆନୁକୂଲ୍ୟରେ ଭାରତୀୟ ଜ୍ଞାନ ପ୍ରଣାଳୀ ଓ ସଂସ୍କୃତ ଛାତ୍ରଛାତ୍ରୀଙ୍କ ନିମନ୍ତେ ବୃତ୍ତି ସଂସାଧନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଏଥିରେ ସଭାପତିତ୍ୱ କରି ବର୍ତ୍ତମାନ ସମୟରେ ସଂସ୍କୃତ ଭାଷାର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେବା ସହ ଆଧ୍ୟାତ୍ମିକ ହେବା ଦିଗରେ ଉଦବୋଧନ ଦେଇଥିଲେ। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ସହକାରୀ ପ୍ରଫେସର ଡ. ବିଘ୍ନେଶ୍ୱର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷା ଓ ସାହିତ୍ୟ ସହ କିଭଳି ବିଜ୍ଞାନର ବିଭିନ୍ନ ବିଭାଗ-ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ଆଦି ବିଷୟର ସମ୍ପର୍କ ରହିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ସଂସ୍କୃତ ପଢୁଥିବା ଛାତ୍ରଛାତ୍ରୀମାନେ କିପରି ବୃତ୍ତିଗତ ସଂସାଧନ କ୍ଷେତ୍ରରେ ପାରଙ୍ଗମ ହୋଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ଗଣିତ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ ସଂସ୍କୃତ ଭାଷା ଓ ସାହିତ୍ୟର ଗବେଷଣାତ୍ମକ ଦିଗ ଉପରେ ସୂଚନା ପ୍ରଦାନ କରିଥିବା ବେଳେ ଇଂରାଜୀ ବିଭାଗ ବରିଷ୍ଠ ପ୍ରାଧ୍ୟାପକ ବୀରେନ୍ଦ୍ର କୁମାର ପଟେଲ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଯୁଗରେ ସଂସ୍କୃତ କେତେ ଜରୁରୀ ଏବଂ ସଂସ୍କୃତ ଓ ଇଂରାଜୀ ଭାଷାର ବ୍ୟାକରଣଗତ ତୁଳନାତ୍ମକ ଆଲୋଚନା କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଡ. ବିନୋଦ ବିହାରୀ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅଧ୍ୟାପକ ଚିନ୍ତାମଣି କାଲୋ ଧନ୍ୟବାଦ ଦେଇଥିଲେ। ସହକାରୀ ପ୍ରଫେସର ଗରୁଡ଼େଶ୍ୱର ଦାସ, ଡ. ସାକିର ହୁସେନ, ଅଧ୍ୟାପିକା ନିକିତା ପ୍ରଧାନ, କ୍ରିଷ୍ଣା ପଟେଲ, ରୀମା ପ୍ରଧାନଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ହେମଗିରିରୁ ବାହାରିଲା 'ପରିକ୍ରମା ଦର୍ଶନ' ବସ୍



**ହେମଗିରି, ୬ ।୨(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦର୍ଶନ ପାଇଁ ହେମଗିରି ବ୍ଲକର ସମସ୍ତ ପଞ୍ଚାୟତରୁ ଶ୍ରଦ୍ଧାଳୁଙ୍କୁ ନେଇ ବସ୍ ବାହାରିଛି। ବ୍ଲକ ପ୍ରଶାସନ ମୋଟ ୩୮୦ ଶ୍ରଦ୍ଧାଳୁଙ୍କୁ ନେଇ ବସଗୁଡ଼ିକୁ ସବୁଜ ପତାକା ଦେଖାଇ ଏଠାରୁ ବିଦାୟ ଦେଇଥିଲା। ଏହି ଅବସରରେ ବିଡିଓ ବିଶ୍ୱନାଥ ସାହୁଙ୍କ ସମେତ ବିଜେଡି ବ୍ଲକ ସଭାପତି ସୁକାନ୍ତ ପତି, ଯୁବ ବିଜେଡି ବ୍ଲକ ସଭାପତି କଳାକାହ୍ନୁ ମେହେର, ଏବିଡିଓ ଜିତେନ୍ଦ୍ରୀୟ ମୁଣ୍ଡା ଏବଂ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କୁ ଶୁଭେଚ୍ଛା ଜଣାଇ ବିଦାୟ ଦେଇଥିଲେ। ବାଟରେ ରାତ୍ରିଯାପନ ପରେ ବୁଧବାର ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦେଖିବା ସହ ମହାପ୍ରଭୁଙ୍କୁ ଦର୍ଶନ କରିବେ।

## ମହାବିଦ୍ୟାଳୟରେ 'ଅଗ୍ନିପଥ' ସେବା କର୍ମଶାଳା



**ସୁନ୍ଦରଗଡ଼, ୬ ।୨(ସମିସ):** ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ଅଗ୍ନିପଥ ଯୋଜନା ସେବା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଏଥିରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମେଜର ସି.କେ ସିଂହ ମୁଖ୍ୟଅତିଥି ଓ ପଙ୍କଜ ବାବୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଗ୍ନିପଥ ସେବାର ଆଭିମୁଖ୍ୟ, ଭାରତୀୟ ସେନା ବାହିନୀରେ ଯୋଗଦାନ ପାଇଁ ଆବଶ୍ୟକ ଯୋଗ୍ୟତା, ଯୋଗଦାନର ବିଭିନ୍ନ ଦିଗ ଆଦି ସମ୍ପର୍କିତ ବିସ୍ତୃତ ଆଲୋଚନା କରିଥିଲେ। ସେନା ଅଧିକାରୀ ଟିଙ୍କୁ କୁମାର, ଯସ୍ମିନ କୁଣ୍ଡୁ ଓ ମହାବିଦ୍ୟାଳୟର ଖେଳ ଶିକ୍ଷକ ଶଶିକାନ୍ତ ସେଠୀଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀ, ଏନ୍‌ସିସି ଛାତ୍ରଛାତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ। ଭାରତୀୟ ସୈନିକ ସେବାରେ ଯୋଗଦାନ ପାଇଁ ଆଗ୍ରହ ପ୍ରକାଶ ସକାଶେ ଛାତ୍ରଛାତ୍ରୀଙ୍କୁ ଭିଡିଓ ମଧ୍ୟ ଦେଖାଯାଇଥିଲା।

## ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ

**କୁତ୍ରା, ୬ ।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ତୁନମୁରାସ୍ଥିତ ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ପ୍ରଧାନଶିକ୍ଷକ ଅମରେଶ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ପ୍ରିୟଦର୍ଶିନୀ ପାଢ଼ୀ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ସାହୁ ଏପରି ପ୍ରଶିକ୍ଷଣ ଶିବିର ବର୍ତ୍ତମାନ ପରିସ୍ଥିତିରେ ବାଳିକା ଆତ୍ମସୁରକ୍ଷା ଓ ନାରୀ ସଶକ୍ତୀକରଣର ମାର୍ଗ ପ୍ରଶସ୍ତ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଖେଳ ଶିକ୍ଷକ ଉମାଶଙ୍କର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମନଭାଙ୍ଗି ନାଏକ, ରଶ୍ମି ମିଞ୍ଜ, ଦ୍ରୌପଦୀ ସାହୁ, କିରନ ଏକ୍କା, ଅଞ୍ଜଳି ତିଗ୍ଗା ପ୍ରମୁଖ ସହଯୋଗ କରିଥିଲେ।

# ମସ୍ମିକାନୀ ଟୋଲ ପ୍ଲାଜା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ସୁନ୍ଦରଗଡ଼, ୬ ।୨(ସମିସ):** ମସ୍ମିକାନୀ ଟୋଲ ପ୍ଲାଜା ପକ୍ଷରୁ ସଡ଼କ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ କିଞ୍ଜିର୍ମାସ୍ଥିତ ଇଲା ମେମୋରିଏଲ ପଞ୍ଚାୟତ ସମିତି କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରାମରେ ସଚେତନତା

**● କିଞ୍ଜିର୍ମା କଲେଜରେ ସଚେତନତା କାର୍ଯ୍ୟକ୍ରମ**

ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ଏଲଏଣ୍ଡଟିର ପ୍ରକଳ୍ପ ମୁଖ୍ୟ ଡି.କେ ବାରିକ, ରୁଟ୍ ମ୍ୟାନେଜର ଆଶିଷ ମହାନ୍ତି, ବରିଷ୍ଠ ଅଧିକାରୀ ପି. ମଣିକଣ୍ଠମ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ବୁଝାଇଥିଲେ। ଏଥିରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗନେଇଥିଲେ।



ସେହିପରି ସଡ଼କ ସୁରକ୍ଷା ସଚେତନତା ସକାଶେ ମସ୍ମିକାନୀ ଟୋଲ ପ୍ଲାଜାରୁ ଏକ ବାଇକ୍ ରାଲି ଆୟୋଜିତ ହୋଇଛି। ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ କୁମାର ଦାଶ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏଲଏଣ୍ଡଟି ପ୍ରକଳ୍ପ ମୁଖ୍ୟ ଡିକେ ବାରିକ, ବରିଷ୍ଠ ଅଧିକାରୀ ପି. ମଣିକଣ୍ଠମ ପ୍ରମୁଖ ଉପସ୍ଥିତ ଥିଲେ।

# ନବୋଦୟ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର



**ସୁନ୍ଦରଗଡ଼, ୬ ।୨(ସମିସ):** ଲେଫ୍ରିପଡ଼ା ବ୍ଲକ ଜିଙ୍କନଗରସ୍ଥିତ ପିଏମ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି। ଅଗ୍ରଣୀ ଅନୁଷ୍ଠାନ ଜନସେବା ସମିତିର ଦକ୍ଷ ମହିଳା କୋଚ୍‌ମାନଙ୍କ ଦ୍ୱାରା ବିଦ୍ୟାଳୟର ୨୪୨ ଛାତ୍ରୀଙ୍କୁ ତାଲିମ ଦିଆଯାଇଛି। ଅନୁଷ୍ଠାନର ଲିପ୍ସା ଷଡ଼ଙ୍ଗୀ ଓ ତାଙ୍କ ଟିମ୍ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିଥିଲେ। ଏହା ସହ ଅନୁଷ୍ଠାନର ଥାର୍ଡ ଡନ୍ ବ୍ଲାକ ବେଲ୍ଟ ରାଜୀବ କେରକେଟା ଛାତ୍ରମାନଙ୍କୁ କରାଟେ ତାଲିମ ଦେଇଛନ୍ତି। ଏହି ଅବସରରେ ବିଦ୍ୟାଳୟ ଅଧ୍ୟକ୍ଷ ତାପସ କୁମାର ଚଟ୍ଟୋପାଧ୍ୟାୟ ବର୍ତ୍ତମାନ ପରିସ୍ଥିତିରେ ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେବା ଦ୍ୱାରା ନାରୀ ସଶକ୍ତୀକରଣର ମାର୍ଗ ପ୍ରଶସ୍ତ କରିବାରେ ସହାୟକ ହେବ ବୋଲି ମତ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଜେ କୁଜୁର ଓ କ୍ରୀଡ଼ା ଶିକ୍ଷକ ପ୍ରସନ୍ନ ଷଣ୍ଢ ତାଲିମଦାତାମାନଙ୍କୁ ସହଯୋଗ କରିଥିଲେ। ତାଲିମଦାତାମାନେ ଆମକୁ ଭଲ ଭାବରେ ତାଲିମ ଦେଉଥିଲେ ଯାହାକି ଭବିଷ୍ୟତରେ ଆମେ କୌଣସି ପରିସ୍ଥିତିରେ ମଧ୍ୟ ନିଜର ସୁରକ୍ଷା କରିପାରିବୁ ବୋଲି ଏକାଦଶ ଶ୍ରେଣୀ ଛାତ୍ରୀ ପ୍ରଭାଜିତା ମୁଣ୍ଡା ଓ ସଞ୍ଜନା ସିଂ କହିଛନ୍ତି।

# ପୌରପାଳିକା ଆବାସ ଯୋଜନା ଜନଶୁଣାଣି

**ସୁନ୍ଦରଗଡ଼, ୬ ।୨(ସମିସ):** ସୁନ୍ଦରଗଡ଼ ପୌରପାଳିକାର ୱାର୍ଡ ନମ୍ବର ୧୧ ଅମଲିପାଲି ଦୁର୍ଗାମଣ୍ଡପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ହିତାଧିକାରୀଙ୍କ ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ପୌରପରିଷଦ ଅଧକ୍ଷା ତନୟା ମିଶ୍ର ଓ ୱାର୍ଡ କାଉନସିଲର ବିଶାଳ କୁମୁରା ଅତିଥି ଭାବେ ଯୋଗଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ଅଧିକାରୀ ବିକାଶ ମୁଣ୍ଡାରୀ ଜନଶୁଣାଣିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ସୁବିଧା ପ୍ରଦାନକାରୀ ସଂସ୍ଥା ଲାଇଫ ଏକାଡେମୀ ଅଫ ଭୋକେଶନାଲ ଷ୍ଟଡିଜର କର୍ମକର୍ତ୍ତା ରମେଶ ଚନ୍ଦ୍ର ବଳ ଓ ସାମାଜିକ ସମୀକ୍ଷକ ସମୀର କୁମାର ମହାନ୍ତି ସମସ୍ତ ହିତାଧିକାରୀ, ପୌର ପରିଷଦ କର୍ମଚାରୀ ଓ ବିଭିନ୍ନ ୱାର୍ଡବାସୀଙ୍କଠାରୁ ଅଭିଯୋଗ ଗ୍ରହଣ କରିବା ସହ ଏହାର ସ୍ଥାୟୀ ସମାଧାନ ସମ୍ପର୍କରେ ବୁଝାଇଥିଲେ। ପୌରାଧକ୍ଷା ମିଶ୍ର ଓ ସିଏଲଟିସି ବିଶାରଦ ସୁଶାନ୍ତ ଛୁରା ଅଭିଯୋଗଗୁଡ଼ିକର ସ୍ଥାୟୀ ସମାଧାନ ଓ ସରକାରଙ୍କ ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ସୁନ୍ଦରଗଡ଼ ପୌରପାଳିକାର କୌଣସି ଯୋଗ୍ୟ ପରିବାର ଯେପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ସଂଯୋଜିକା ସୁମିତା ବଡ଼ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



## ସୁନ୍ଦରଗଡ଼ ଜିଲ୍ଲା ପରିଷଦରେ ନୂତନ ନିର୍ବାହୀ ଅଧିକାରୀ



**ସୁନ୍ଦରଗଡ଼, ୬ ।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନଙ୍କ ରାୟଗଡ଼ା ଜିଲ୍ଲାପାଳ ଭାବେ ବଦଳି ପରେ ଦୁଃଖବନ୍ଧୁ ନାୟକ ନୂତନ ଅଧିକାରୀ ଭାବେ ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲା ବିଜେଡି ଉପସଭାପତି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ତାଙ୍କୁ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ନୂତନ ଅଧିକାରୀ ନାୟକଙ୍କୁ ସେମାନେ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟଗୁଡ଼ିକ ଶୀଘ୍ର ସମ୍ପୂର୍ଣ୍ଣ କରିବା ଏବଂ ବିଭିନ୍ନ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ଠିକାଦାରଙ୍କ ପଡ଼ିରହିଥିବା ବିଲ୍ ଶୀଘ୍ର ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ପ୍ରତିନିଧି ମଣ୍ଡଳୀର ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସମ୍ପାଦକ ପଞ୍ଚା ବାର୍ଲା, ପଶ୍ଚିମାଞ୍ଚଳ ଜୋନ ଛାତ୍ର ବିଜେଡି ସମ୍ପାଦକ ପଙ୍କଜ ଶ୍ରେଷ୍ଠ, ଟାଉନ ଛାତ୍ର ବିଜେଡି ସଭାପତି ନରଦୀପ ସିଂ, ଜ୍ଞାନ ଠାକୁର, ଗୌରାଙ୍ଗ ଧଳ, ରଜତ କୁମାର ରାଉତ, ତ୍ରିଲୋଚନ କାକ ପ୍ରମୁଖ ସାମିଲ ଥିଲେ।

## ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



**ସୁନ୍ଦରଗଡ଼, ୬ ।୨(ସମିସ):** ସାହସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଓ ମାତୃମାଳା ଅନୁଷ୍ଠିତ ହୋଇଛି। ତୁମୁଳିଆ ସରପଞ୍ଚ ଶେଷବତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ହେମଗିରି ବିଇଓ କରୁଣାସାଗର ପଟେଲ ମୁଖ୍ୟଅତିଥି, ଏବିଇଓ କିଶୋର କୁମାର ଅର୍କ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଭାରତୀ ପଟେଲ, ସମାଜସେବୀ ପ୍ରସନ୍ନ ପଧାନ, ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସହଦେବ ମହାକୁଡ଼, ଗର୍ଜନବାହାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ ଅଗ୍ରୱାଲ, ବ୍ଲକ ମଧ୍ୟାହ୍ନଭୋଜନ ପରିଚାଳକ ପ୍ରଦୀପ ପଧାନ, ସ୍କୁଲ ପରିଚାଳନା କମିଟି ସଭାପତି ଜୟ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ଈଶ୍ୱର ଦେହେରୀ ଓ କେଦାର ରାୟ ଏହାକୁ ସଂଯୋଜନା କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ସୁନୀତି ପଟେଲ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ରଥୁ ବାଗ ଧନ୍ୟବାଦ ଦେଇଥିଲେ। ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଗ୍ରାମର ଗରିବ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ଶିକ୍ଷୟିତ୍ରୀ ଯୋଗେଶ୍ୱରୀ ନାଏକ, ଅଞ୍ଜନା କାଲୋ, ଗୋମତୀ ଠାକୁର, ଗୀତାଞ୍ଜଳି ପଧାନ, ଶେଷବତୀ କୋକ ସହଯୋଗ କରିଥିଲେ।

## ଏନ୍‌ପିଏସ୍ ସଂଘ ପକ୍ଷରୁ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି




**କୁତ୍ରା, ୬ ।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଲାଞ୍ଜିବେର୍ଣ୍ଣା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସ୍ୱର୍ଗତ ରାଜେଶ ମୁଗ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଏନପିଏସ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ତାଙ୍କ ଆତ୍ମାର ସଦଗତି ପାଇଁ ବ୍ଲକର ଶିକ୍ଷକଙ୍କ ତରଫରୁ ଏକ କ୍ୟାଲେଣ୍ଡ ଶୋଭାଯାତ୍ରା ବିଇଓଙ୍କ କାର୍ଯ୍ୟାଳୟରୁ ବାହାରି କୁତ୍ରା ବଜାର ପରିକ୍ରମା କରିଥିଲା। ସ୍ୱର୍ଗତ ମୁଗ୍ରୀ ଜଣେ ମେଳାପି, ମିଷ୍ଟଭାଷୀ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ତାଙ୍କ ବିୟୋଗ ଶିକ୍ଷା କ୍ଷେତ୍ରରେ ଅପୂରଣୀୟ କ୍ଷତି ବୋଲି ବ୍ଲକ ଏନପିଏସ ସଂଘ ସଭାପତି ଅମରେଶ ସାହୁ ମତବ୍ୟକ୍ତ କରିଥିଲେ। ସଂଘ ତରଫରୁ ତାଙ୍କ ପରିବାର ସଦସ୍ୟଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କ୍ୟାଣ୍ଡେଲ ଶୋଭାଯାତ୍ରାରେ ରାଜେଶ ଖୁଣ୍ଟିଆ, ମହେଶ ପ୍ରଧାନ, ସୁପ୍ରୀତି ବାଗ, ଅଙ୍କିତା ବା, ଚନ୍ଦ୍ରଶେଖର ସାହୁ, ଅବିନାଶ କର, ରିଙ୍କୁ ଭୋଇ, ରୋହିତ ଜୟପୁରିଆ, ଉମାଶଙ୍କର ମଲ୍ଲିକ, ବରୁନ ନିସାଲ, ରୋନିତ ନାୟକ, ଅକିଲ ଲାକ୍ରା ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।

# ମହୁମାଛି ପାଳନ କୌଶଳ ବିକାଶ ତାଲିମ

ସୁନ୍ଦରଗଡ଼, ୬ ।୨(ସମିସ)



କିରେଇସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାତୀୟ ମହୁମାଛି ବୋର୍ଡ ପ୍ରାୟୋଜିତ ମହୁମାଛି ପାଳନ ନେଇ ୭ ଦିନିଆ ଆବାସିକ କୌଶଳ ବିକାଶ ତାଲିମ କାର୍ଯ୍ୟକ୍ରମ କେନ୍ଦ୍ର ପରିସରରେ ଆୟୋଜିତ ହୋଇଛି। ଗତ ଜାନୁଆରୀ ୩୦ରୁ ଆରମ୍ଭ ହୋଇଥିବା ଏହି ଶିବିର ସୋମବାର ଉଦଯାପିତ ହୋଇଛି। ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୪୫ ଜଣ ଚାଷୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ଓୟୁଏଟିର ପ୍ରାକ୍ତନ ପ୍ରଫେସର ଡ. ଚିତ୍ତରଞ୍ଜନ ଶତପଥୀ, କୋରାପୁଟର ମହୁଚାଷ ଉଦ୍ୟୋଗୀ ନିତାଇ ଚରଣ ଦଳାଇ, ପୁରୀର ଅନୁଭବୀ ମହୁଚାଷୀ କୃତିବାସ ସ୍ୱାଇଁ (ଅନଲାଇନ୍ ମାଧ୍ୟମରେ), ପ୍ରସନ୍ନ କୁମାର ପଟେଲ, ବିରଞ୍ଚି ନାୟକ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିବା ସହ ପ୍ରାକ୍ଟିକାଲ ମାଧ୍ୟମରେ ଚାଷ କୌଶଳ ବୁଝାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, ଡ. ମନୋଜ କୁମାର ଜେନା, ଡେଭିଡ୍ ଜେମସ୍ ବାଗେ, ଡ. ଦ୍ୱିବେନ୍ଦୁ ମଣ୍ଡଳ, ଆଞ୍ଚଳିକ ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୀବ ବିଶ୍ୱାସୀ, କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଟୁଡ୍ଡୁ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିବା ସହ ଜିଲ୍ଲାରେ କିପରି ବହୁ ମହୁଚାଷ ଉଦ୍ୟୋଗୀ ସୃଷ୍ଟି କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ତାଲିମ କାର୍ଯ୍ୟକ୍ରମ ସହ ପ୍ରଶିକ୍ଷାର୍ଥୀଙ୍କୁ ସ୍ଥାନୀୟ ମହୁଲପାଲିଠାରେ କୌଶିକ ନାଏକ କରିଥିବା ମହୁଚାଷ ଫାର୍ମକୁ ପରିଭ୍ରମଣରେ ନିଆଯାଇଥିଲା। ଶେଷ ଦିନରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ହରିହର ନାଏକ, ଉପ-ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁକାନ୍ତ କୁମାର ନାଏକ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ବିଷୟରେ କହିବା ସହ ମହୁଚାଷକୁ ଉଦ୍ୟୋଗ ହିସାବରେ କରିବା ପାଇଁ ଉତ୍ସାହିତ କରିଥିଲେ। ଶେଷରେ ପ୍ରଶିକ୍ଷାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ପୁସ୍ତିକା, ବି-ଭେଲ ତଥା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ୍ ଜେମ୍ସ ବାଗେ ଶିବିର ପରିଚାଳନା କରିଥିଲେ। କେନ୍ଦ୍ରର କମ୍ପ୍ୟୁଟର ପୋଗ୍ରାମର ଅରୁଣ କୁମାର ମିଶ୍ର, ଷ୍ଟେନୋ କମଳଲୋଚନ ମହାନ୍ତ, କର୍ମଚାରୀ ଜିତେନ୍ଦ୍ର ସେଠୀ, ଭ୍ରମରବର ସା ଓ ଗଜାନନ ଛନ୍ଦ ପ୍ରମୁଖଙ୍କ ସହଯୋଗ କରିଥିଲେ।

## ରାଜକନିକାରେ ସ୍ୱାସ୍ଥ୍ୟ ବିଭାଗର ଅବ୍ୟବସ୍ଥା

# ଭିତ୍ତିଭୂମି ନ ଥାଇ ବନ୍ଧ୍ୟାକରଣ ଅସ୍ତ୍ରୋପଚାର



**ରାଜକନିକା, ୬।୨(ସମିସ):** ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦିନକୁ ଦିନ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେବଳ କାଗଜପତ୍ରରେ ଡାକ୍ତରଖାନା ଚାଲୁଥିବା ଦେଖିବାକୁ ମିଳିଛି। ଆଜି ପରିବାର ନିୟୋଜନ ଅସ୍ତ୍ରୋପଚାର ଆଳରେ ଅମାନବୀୟ ଭାବରେ ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ତଳେ ଗଡ଼ାଇ ଦେଇଥିବା ଏବଂ ମହିଳା ମାନେ ବିକଳରେ ରଡ଼ି ଛାଡୁଥିବା ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ପ୍ରତି ମାସରେ ପରିବାର କଲ୍ୟାଣ ଆଳରେ ମହିଳାମାନଙ୍କୁ ବନ୍ଧ୍ୟାକରଣ କରି ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଜାରି ରହିଥିବା କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସାମିଲ ହେବାକୁ ଗ୍ରାମାଞ୍ଚଳରେ ଆଶା କର୍ମୀମାନଙ୍କୁ ଉତ୍ସାହିତ କରାଯାଉଛି। ଯେଉଁ ଆଶାକର୍ମୀ ଯେତେ ଅଧିକ ସଂଖ୍ୟାରେ ମହିଳାମାନଙ୍କୁ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଇବେ ସେମାନଙ୍କୁ ଅଧିକ ପ୍ରୋତ୍ସାହନ ରାଶି ମିଳିବାର ଲୋଭ ଦେଖାଇ ଥିବାରୁ ମେଡିକାଲରେ ଆବଶ୍ୟକୀୟ ଗୃହ, ଶଯ୍ୟା ଓ କର୍ମଚାରୀ ଆଟେଣ୍ଡାଣ୍ଟ ନରଖି ଆଜି ୨୯ ଜଣ ମହିଳାଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିବା ଏବଂ ମହିଳାଙ୍କୁ ଶଯ୍ୟା ନ ଦେଇ ଚଟାଣରେ ପାଲ ପକାଇ ଶୁଆଇ ଦେଇଛନ୍ତି। ଆଜି ସକାଳ ୧୦ଟାରୁ ମହିଳାମାନେ ଅସ୍ତ୍ରୋପଚାର ହେବାକୁ ଆସି ଡେରା ପକାଇ ରହିବା ପରେ ୨ଟା ବେଳେ କେନ୍ଦ୍ରାପଡ଼ାରୁ ଡାକ୍ତର ଆସିବା ପରେ ଅପରାହ୍ନ ୫ଟା ଯାଏ ଅସ୍ତ୍ରୋପଚାର ଜାରି ରହିଥିଲା। ଏ ସମ୍ପର୍କରେ ମେଡିକାଲ ଇନଚାର୍ଜ ବାଦଲ ମହାନ୍ତିଙ୍କୁ ପଚାରିବାରୁ ଯେହେତୁ ମେଡ଼ିକାଲ କାମ ଚାଲିଛି, ରୁମ ନ ଥବାରୁ ଆମେ ଆଉ କୌଣସି ବିକଳ୍ପ କରି ନ ଥିବାରୁ ଏ ସମସ୍ୟା ହୋଇଛି ବୋଲି ସ୍ୱୀକାର କରିଥିଲେ। ମେଡିକାଲରେ ଅଂଶୁଘାତ କକ୍ଷ, କୋଭିଡ କକ୍ଷ ଭଳି ବହୁତ ସ୍ଥାନ ଥିବା ବେଳେ ମେଡିକାଲ ପ୍ରବେଶ ପଥର ବାଲକୋନୀରେ ପାଲ ବିଛାଇ ଜଣକ ପରେ ଜଣକୁ ବନ୍ଧ୍ୟାକରଣ କରି ଆଣି ଶୁଆଇ ଦେଉଥିବା ଦେଖି ବହୁ ରୋଗୀ ଓ ତାଙ୍କ ସମ୍ପର୍କୀୟ ହୋହଲ୍ଲା କରିଥିଲେ। ତେବେ ଅତ୍ୟନ୍ତ ଖାମଖିଆଲ ଭାବରେ ଅସ୍ତ୍ରୋପଚାର ଭଳି ସମ୍ବେଦନ କାମକୁ ଡାକ୍ତର ଓ ମେଡିକାଲ କର୍ତ୍ତୃପକ୍ଷ ଗୁରୁତ୍ୱ ନ ଦେଇ ଜୀବନ ସହ ଖେଳିବା ଘଟଣା ମେଡିକାଲ ଅଞ୍ଚଳରେ ଘୋର ଅସନ୍ତୋଷ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ସିଡିଏମଓ ଓ ନୂତନ ଜିଲ୍ଲାପାଳ ଏଭଳି ଘଟଣାକୁ ଗୁରୁତ୍ୱ ଦେଇ ଏହାର କାରଣ ଖୋଜିବା ସହ ଏଭଳି ଘଟଣା ପୁନରାବୃତ୍ତି ନ ହେବାକୁ ସତର୍କତା ଅବଲମ୍ବନ କରିବାକୁ ଦାବୀ ହୋଇଛି।

■ ଶ୍ରମିକ-କୃଷକଙ୍କ ଗଣକନଭେନ୍‌ସନ୍

# ୧୬ ହରତାଳକୁ ସଫଳ କରିବାକୁ ଆହ୍ୱାନ




**କେନ୍ଦ୍ରାପଡ଼ା, ୬।୨(ସମିସ):** ବିଜେପି ନେତୃତ୍ୱାଧୀନ ମୋଦି ସରକାରଙ୍କ କର୍ପୋରେଟ ସପକ୍ଷବାଦୀ ନୀତି ଫଳରେ ଦେଶର ଶ୍ରମିକ, କୃଷକ ତଥା ସାଧାରଣ ଜନତାଙ୍କ ଜୀବନ ଜୀବିକା ଲଗାତର ଭାବେ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏଥିରୁ ଦେଶ ତଥା ଦେଶବାସୀଙ୍କୁ ଉଦ୍ଧାର କରିବା ପାଇଁ ସାରା ଦେଶରେ ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ ୟୁନିଅନମାନଙ୍କ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡେରେସନ ସମୂହ ପକ୍ଷରୁ ଫେବୃୟାରୀ ୧୬ତାରିଖରେ ଦିଆଯାଇଥିବା ଦେଶବ୍ୟାପୀ ହରତାଳ ଓ ଧର୍ମଘଟ ସହିତ ଗ୍ରାମୀଣ ଭାରତ ବନ୍ଦ ପାଇଁ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହାକୁ ସଫଳ କରିବା ପାଇଁ କେନ୍ଦ୍ରାପଡ଼ା ସହରରର ପବ୍ଲିକ ରିଡିଂରୁମ ପରିସରରେ ଶ୍ରମିକ, କୃଷକ ଓ କର୍ମଚାରୀମାନଙ୍କ ସଂଗଠନକୁ ନେଇ ଏକ ଗଣ କନଭେନସନ୍ ଆୟୋଜିତ ହୋଇଯାଇଛି। ଶ୍ରମିକ ନେତା ଜଗତଜୀବନ ଦାଶ, ମୁକ୍ତାର ଖାଁ, କୃଷକ ନେତା ଆଦିକନ୍ଦ ରାଉଳ ଓ ଶିକ୍ଷକ ନେତା ନିର୍ମଳ ନାୟକଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଦ୍ୱାରା ପରିଚାଳିତ ଏହି କନଭେନସନରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆବାହକ ତଥା ଓଡ଼ିଶା କୃଷକ ସଭାର ଜିଲ୍ଲା ସଭାପତି ଗୟାଧର ଧଳ ଭିତ୍ତିପତ୍ର ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏ.ଆଇ.ଟି.ୟୁ.ସି. ନେତା ରମଣୀରଞ୍ଜନ ରାଉତରାୟ, କିଷାନ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ଗ୍ରାମୀଣ ଡାକ କର୍ମଚାରୀ ସଂଘର ସଭାପତି ବିଜୟ ନାୟକ, କିଷାନ ମଜଦୁର ସଂଘର ନେତା ପ୍ରକାଶ ମଲ୍ଲିକ, କର୍ମଚାରୀ ନେତା ନରୋତ୍ତମ ପାର୍ଥସାରଥୀ, ଶିକ୍ଷକ ନେତା ବାବାଜୀ ଦାସ ପ୍ରମୁଖ ବିଭିନ୍ନ ସଂଗଠନର ନେତୃବୃନ୍ଦମାନେ ୧୬ଫେବୃୟାରୀରେ ହେବାକୁ ଥିବା ଏହି ଭାରତ ବନ୍ଦକୁ ସାରା ଜିଲ୍ଲାରେ ସଫଳ କରିବାକୁ ଦେଇଥିଲେ।

# ଡେଲିଭରି ବୟକୁ ମାଡ଼ମାରି ଲୁଟ୍

**କେନ୍ଦ୍ରାପଡ଼ା, ୬।୨(ସମିସ):** ରାସ୍ତାରେ ଯାଉଥିବା ବେଳେ ଜଣେ ଡେଲିଭରି ବୟକୁ ଅଟକାଇ ୩ ମୁଖପିନ୍ଧା ଦୁର୍ବୃତ୍ତ ଲୁଟ କରିଥିବା ସଦର ଥାନାରେ ଅଭିଯୋଗ ହୋଇଛି। ମାହାଙ୍ଗା ଅଞ୍ଚଳର ମନୋଜ କୁମାର ବରାଳ ୫୩ ନମ୍ବର ଜାତୀୟ ରାଜପଥରେ ଚଣ୍ଡିଖୋଲଆଡୁ କେନ୍ଦ୍ରାପଡ଼ା ଆସୁଥିଲେ। ଅଠରବାଙ୍କ ଏବଂ ଦୁହୁରିଆ ମଝିରେ ଥିବା ଇଣ୍ଡିଆନ ଅଏଲ ତେଲ ଟାଙ୍କି ନିକଟରେ ଏକ ବାଇକରେ ମୁଖା ପିନ୍ଧା ୩ ଦୁର୍ବୃତ ମନୋଜଙ୍କୁ ଅଟକାଇଥିଲେ। ଏହାପରେ ଆକ୍ରମଣ କରି ଡେଲିଭରି ବ୍ୟାଗ ଫିଙ୍ଗି ଦେଇ ତାଙ୍କ ପକେଟରୁ ୩ ହଜାର୯୭୦ ଟଙ୍କା ଏବଂ ଏକ ମୋବାଇଲକୁ ଛଡାଇ ନେଇ ସେମାନେ ଫେରାର ହୋଇଯାଇଥିଲେ। ମନୋଜ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଚଳାଇଛି।

# ବ୍ଲକସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



**ରାଜନଗର, ୬।୨(ସମିସ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ରନାରାୟଣ ସରକାରୀ ର.ପ୍ରା.ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ଜେନା, ମୁଖ୍ୟବକ୍ତା ଭାବେ ଏବିଇଓ ଶିବପ୍ରସାଦ ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଅନ୍ତଃର୍ନିହିତ ସୃଜନଶୀଳ ପ୍ରତିଭା ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ସୁଶାନ୍ତକୁମାର ସେଠୀ, ସିଆରସିସି ମଧୁସୂଦନ ସାହୁ, ମୁକୁଳେନ୍ଦୁ ଘଡାଇ, ମହେଶ୍ୱର ସେଠୀ, ମନୋରଞ୍ଜନ ପରମାଣିକ ପ୍ରମୁଖ ସମସ୍ତ କ୍ଲଷ୍ଟରର ସିଆରସିସିମାନେ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୮ଜଣ ଛାତ୍ରଛାତ୍ରୀ ବିଜ୍ଞାନ ବେହେରା, ପିଲେ ପ୍ରଜ୍ଞାନ ରାଉତ, ବିବେକାନନ୍ଦ ଦାସ, ଶ୍ରୀୟାନ ମାଇତି, ବିଶ୍ୱଜିତ ହାତି, ସୋନାକ୍ଷୀ ମିଶ୍ର, ଅର୍ପିତ ଜେନା, ସୀମାରେଖା ବେହେରା, ଅରୁଣକୁମାର ବେହେରା, ବିନ୍ଧ୍ୟାସୂତା ରାଉତ, ପୂର୍ଣିମା ପ୍ରଧାନ ଓ ବୈଜୟନ୍ତୀ ତ୍ରିପାଠୀଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତାକୁ ମନୋନୀତ କରାଯାଇଛି।

# ପତ୍ନୀ ଓ ଝିଅକୁ ଅପହରଣ ଅଭିଯୋଗ

**କେନ୍ଦ୍ରାପଡ଼ା, ୬।୨(ସମିସ):** ଘରେ କେହି ନଥିବା ସମୟରେ ପତ୍ନୀ ଓ କୁନି ପିଲାକୁ କେହି ଦୁର୍ବୃତ ଅପହରଣ କରି ନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, କେନ୍ଦ୍ରାପଡ଼ା ଚାନ୍ଦୋଲ ଅଞ୍ଚଳର ତପନ ପ୍ରଧାନ କାମରେ ବାହାରକୁ ଯାଇଥିବା ବେଳେ ତାଙ୍କ ପତ୍ନୀ ରଶ୍ମିତା ଓ ଦେଢ଼ ବର୍ଷର ଝିଅ ଘରେ ଥିଲେ। ହେଲେ ତପନ କାମରୁ ଫେରି ଉଭୟଙ୍କୁ ପାଇନଥିଲେ। ବହୁ ଖୋଜାଖୋଜି ପରେ କିଛି ଚାନ୍ଦୋଲ ବଜାରରେ ଥିବା କିଛି ସିସିଟିଭି ଯାଞ୍ଚ କରିବାବେଳେ କେହି ଦୁର୍ବୃତ ସେମାନଙ୍କୁ ଅପହରଣ କରିନେଉଥିବା ଦେଖିଥିଲେ। ଏନେଇ ଥାନାରେ ଅଭିଯୋଗ କରିଛନ୍ତି।

# ରାଜନଗର ଯାଦବ ମହାସଂଘ ବୈଠକ



**ରାଜନଗର, ୬।୨(ସମିସ):** ରାଜନଗରସ୍ଥିତ ଯାଦବ ମହାସଙ୍ଘ ଗୃହରେ ସଂଘର ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ ଯାଦବ ସଙ୍ଘର ସଭାପତି ଅସିତ କବିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ସମସ୍ତ ପଞ୍ଚାୟତ ସଂଘର ସଭାପତି ଓ ସମ୍ପାଦକମାନେ ଯୋଗଦେଇ ସଂଘ କିପରି ଆଗକୁ ବଢ଼ିବ ଓ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ମନ୍ଦିର ପାଇଁ ମିଳିଥିବା ଅର୍ଥ ଖର୍ଚ୍ଚ ନିମନ୍ତେ ଆଲୋଚନା କରିଥିଲେ।ଏଥିପାଇଁ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ବୈଠକରେ ସମ୍ପାଦକ ସର୍ବେଶ୍ୱର ଦାସ, ଯୁବ ସଭାପତି ଦେବାଶିଷ ପାଣ୍ଡବ, ଗନ୍ଧର୍ବ ଦାସ, ବିଦ୍ୟାଧର ପଲାଇ, କବିରାଜ ପଲାଇ, ରବୀନ୍ଦ୍ର ଦାସ, କୈଳାସ ଦାସ, ରବୀନ୍ଦ୍ର ତାଡୁ, ଅଜୟ ପଲାଇ, ସମୀର ପାଣ୍ଡବ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ନିତ୍ୟାନନ୍ଦଙ୍କ ସହଧର୍ମିଣୀଙ୍କ ସ୍ମୃତିସଭା

**ଡେରାବିଶ, ୬।୨ (ସମିସ):** ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅନ୍ତର୍ଗତ ଛୋଟି ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନିତ୍ୟାନନ୍ଦ ଜେନାଙ୍କ ସହଧର୍ମିଣୀ ଉତ୍ତମା ସୁନ୍ଦରୀ ଜେନାଙ୍କ ସ୍ମୃତିଚାରଣ ସଭା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। କେନ୍ଦ୍ରାପଡ଼ା-ଯାଜପୁର ପ୍ରତିଭାପୂଜା ଓ ସାଂସ୍କୃତିକ ସଂସଦ ପକ୍ଷରୁ ଆୟୋଜିତ ଏହି ସ୍ମୃତିସଭାରେ ଶିକ୍ଷାବିତ ରଘୁନାଥ ରାଉତଙ୍କ ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ସଂସଦର ସମ୍ପାଦକ ମୁରଲୀଧର ବିଶ୍ୱାଳ, ଶିକ୍ଷକ ନେତା ପ୍ରଣବ କୁମାର ଜେନା, ଶିକ୍ଷାବିତ୍ ପରମାନନ୍ଦ ଥାଟୋଇ, ନିକେତନ ଜେନା, ବାନାମ୍ବର ସେଠୀ, ବୀର କିଶୋର ରାଉତ, ରାମନାରାୟଣ ସିଂହ, ଜ୍ଞାନେନ୍ଦ୍ର କୁମାର ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଉତ୍ତମାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କଟରା ଓ ମଣିଜଙ୍ଗାରେ ସଚେତନତା ଶିବିର

**ତିର୍ତ୍ତୋଲ, ୬।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କଟରା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ରାଜ୍ୟସରକାରଙ୍କ ଆମ ନବୀନ ଓଡ଼ିଶା ତରଫରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସ୍ଥାନୀୟ ସରପଞ୍ଚ ସଂହିତା ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ସୁନୀଲ ବେହେରା, ଗଙ୍ଗାଧର ବିଶ୍ୱାଳ, ରଞ୍ଜିତା ସିଂ, ତିର୍ତ୍ତୋଲ ବିଡିଓ ତପନ କୁମାର ସେନାପତି, ଏବିଡିଓ ସତ୍ୟଜିତ ସ୍ୱାଇଁ, ଯୁବନେତା ସୁମିତ ଦାସ ପ୍ରମୁଖ ଯୋଗଦେଇ ରାଜ୍ୟସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ବେଣୁଧର ବିଶ୍ୱାଳ, ପିଇଓ ଗୌତମ ପରିଜା, ଜିଆରଏସ ଇଶ୍ୱର ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଶୀତିକଣ୍ଠ ସ୍ୱାଇଁ, ଅମୀୟ ରଞ୍ଜନ ବଳ, ସ୍ମୃତିରଞ୍ଜନ ସ୍ୱାଇଁ, ଏମବିକେ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ମାନେ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ଶିକ୍ଷକ ଧିରେନ୍ଦ୍ର ନାଥ ବିଶ୍ୱାଳ, ସାରଦା ପ୍ରସାଦ ଚଇନି, ଶଙ୍କର୍ଷଣ ନାୟକ, ଅକ୍ଷୟ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଓ ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗର ଜନହିତକର ଯୋଜନାର ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ମଣିଜଙ୍ଗା କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ସ୍ଥାନୀୟ ସରପଞ୍ଚ ଶଶଧର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଅତିଥି ତିର୍ତ୍ତୋଲ ବିଡିଓ ଶ୍ରୀ ସେନାପତି, ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ମାଲତୀ ମାରାଣ୍ଡି, ଚଳଚିତ୍ର ଗୀତିକାର ଅରୁଣ ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ପ୍ରଶାନ୍ତ ଦାସ, ଓମପ୍ରକାଶ ପରିଜା, ଅବସରପ୍ରାପ୍ତ ସାମରିକ ଅଧିକାରୀ ସୁଶାନ୍ତ ଚରଣ ସାହୁ, ପୂର୍ବତନ ସରପଞ୍ଚ ପ୍ରହଲାଦ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଡେରାବିଶ, ୬।୨ (ସମିସ):** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ-କଣିପଡ଼ା ସ୍ଥିତ ରାମଚନ୍ଦ୍ର ବିଦ୍ୟାପୀଠ ସଭାଗୃହରେ ସେବା ନିବୃତ ଶିକ୍ଷକ ଅମରେନ୍ଦ୍ର ରଥଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଓ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ବରାଳ ସଭାପିତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋଲଖ ଚନ୍ଦ୍ର ବସନ୍ତିଆ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସୁଶାନ୍ତ ପାତ୍ର ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ସେନା ଅଧିକାରୀ ଅମିତାଭ ସାମଲ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଏଲିଜାବେଥ୍ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସଞ୍ଜିତା ମହାପାତ୍ର, ସବଳଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁଲତା ପଣ୍ଡା ପ୍ରମୁଖ ସେବା ନିବୃତ ଶିକ୍ଷକ ଶ୍ରୀ ରଥଙ୍କ ଛାତ୍ରବତ୍ସଳତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀ ବସନ୍ତିଆ ଶ୍ରୀ ରଥଙ୍କୁ ମାନପତ୍ର, ଉପଢ଼ୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କ୍ରୀଡ଼ା ଶିକ୍ଷକ ସତ୍ୟବାନ ସାହୁ ମାନପତ୍ର ପାଠ କରିଥିଲେ।

# ସାଇନାଥ କଳା ପରିଷଦର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡ଼ା, ୬।୨(ସମିସ):** ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ସରକାରଙ୍କ ସହଭାଗୀତାରେ ଜିଲ୍ଲାର ଅଗ୍ରଣୀ ସଙ୍ଗୀତ ବିଦ୍ୟାଳୟ ସାଇନାଥ କଳା ପରିଷଦର ୧୩ତମ ବାର୍ଷିକ ଉତ୍ସବ ଓ ଜିଲ୍ଲା ଯୁବ ପ୍ରତିଭା ମହୋତ୍ସବ ଇଚ୍ଛାପୁର ଖୁସି ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ସୁବ୍ରତ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗାୟକ ସୂର୍ଯ୍ୟ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପର୍ଶୁରାମ ପଣ୍ଡା ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାପଡ଼ା ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ସମ୍ମାନୀତ ଅତିଥି ଭାବେ ମା ସୁଧାଂଶୁବାଳା ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ମାର୍ଶାଘାଇ ବ୍ଲକ ଉପସଭାପତି ସୁରେନ୍ଦ୍ର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ମହୋତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଭାଗବତ ଟୁଙ୍ଗୀକୁ ଯଥାସମ୍ଭବ କାର୍ଯ୍ୟକ୍ଷମ କରିବା ଉପରେ ପ୍ରସଙ୍ଗ ରଖିଥିଲେ। ଅନେକ ମହାନ୍ ବ୍ୟକ୍ତିତ୍ୱ ଓ ଯୁବ ପ୍ରତିଭାମାନଙ୍କୁ ପୂଜ୍ୟପୂଜା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ରାଜନୀତିରେ ରାଜେଶ ଦାସ, ସମାଜସେବୀ ରଶ୍ମିରଞ୍ଜନ ପ୍ରଧାନ, ସୁସଂଗଠକ ତନ୍ମୟ କୁମାର ପରିଡ଼ା, ନୃତ୍ୟଗୁରୁ ଶ୍ରୀଧର ମଲ୍ଲିକ, ଯୁବ ସାମ୍ବାଦିକ ସୁବ୍ରତ ସାମଲ, ମାନବାଧିକାର କର୍ମୀ ସାଗର ଜେନା, ଚିତ୍ରଶିଳ୍ପୀ ପ୍ରସନ୍ନ ସ୍ୱାଇଁ, କଣ୍ଠଶିଳ୍ପୀ ଭାଗ୍ୟଧର ରାଉତ ସଂକୀର୍ତ୍ତନରେ ରଶ୍ମିତା ଜେନା, ତବଲା ବାଦକ ଶରତ ବିଶ୍ୱାଳ, ଗଣେଶ ସୂତାର, ରାଜକିଶୋର ଦାସ, ସିପ୍ରାରାଣୀ ଦେବୁରୀ, ଅନନ୍ତ ଚରଣ ସାମଲ, ପ୍ରସନ୍ନ ଦାସ ପ୍ରମୁଖ ଯୁବପ୍ରତିଭାଙ୍କୁ ସମ୍ମାନୀତ କରାଯାଇଥିଲା। ଜିଲ୍ଲାର ୯ଟି ବ୍ଲକ ଓ ୨ଟି ମ୍ୟୁନିସିପାଲିଟିର ବିଭିନ୍ନ ଭାଗବତ ଟୁଙ୍ଗୀର ମୁରବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାରେ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ସହିତ ପାଲା, ଘୋଡାନାଚ, କେନ୍ଦରା ଗୀତ ତଥା ସମସ୍ତ କଳା ଓ କଳାକାରଙ୍କୁ ନେଇ ସାଇନାଥ କଳା ପରିଷଦ ଏକ ସାଂସ୍କୃତିକ ଆନ୍ଦୋଳନ ସୃଷ୍ଟି କରିଥିବା କଥା ଡିଏସ୍‌ପି ଜ୍ୟୋତିରଞ୍ଜନ ଦାସ ତାଙ୍କ ବକ୍ତବ୍ୟରେ ରଖିଥିଲେ।

● ସତ୍ୟସାଇ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

# ‘ଆଧୁନିକତା, ଶିକ୍ଷା ଓ ସଂସ୍କୃତିକୁ ଦିଗହରା କରିଛି’

**ପଟ୍ଟାମୁଣ୍ଡାଇ, ୬।୨(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ତରଡିପାଳ ଅନ୍ତର୍ଗତ ତରଡିପାଳ କନକ ବିହାରସ୍ଥିତ ସତ୍ୟସାଇ ଶିଶୁ ବିଦ୍ୟା ମନ୍ଦିରର ୨୪ ତମ ବାର୍ଷିକ ଉତ୍ସବ ପ୍ରଧାନ ଆଚାର୍ଯ୍ୟ ସନ୍ଧ୍ୟାରାଣୀ ଶର୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଧୁନିକ ଜୀବନଚର୍ଯ୍ୟା ଜନଜୀବନକୁ ବିପର୍ଯ୍ୟସ୍ତ କରିଥିବା ମତପ୍ରକାଶ କରି ଏ ଦିଗରେ ଶିକ୍ଷକ/ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ରାପଡ଼ା ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ଶିଶୁ ବିଦ୍ୟା ମନ୍ଦିର ଭଳି ମଣିଷ ତିଆରି କାରଖାନାର ବିକାଶ ପାଇଁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବ୍ରାହ୍ମଣୀ କଲେଜ ପ୍ରାକ୍ତନ ଅଧ୍ୟକ୍ଷ୍ୟା ପ୍ରଫେସର ନିର୍ମଳ ବିଶ୍ୱାଳ ମୁଖ୍ୟବକ୍ତା ଓ ସମ୍ବଲପୁର ଆଞ୍ଚଳିକ ପରିବିକ୍ଷଣ ଅଧିକାରୀ ଅମୀର କୁମାର ନାଥଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ଅଧ୍ୟାପକ ରବିରଞ୍ଜନ ଶର୍ମା ସ୍ୱାଗତଭାଷଣ ଦେଇ ଅନୁଷ୍ଠାନର ଅଭାବ ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସହକାରୀ ଆଚାର୍ଯ୍ୟ ଅନ୍ତର୍ଯ୍ୟାମୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ଆଚାର୍ଯ୍ୟା ରଶ୍ମିତା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ଧୋୟାଞ୍ଚଳ ବିକାଶ ପରିଷଦ ସମ୍ପାଦକ ଶିକ୍ଷାବିତ ରାଜକୁମାର ବିଶ୍ୱାଳ, ସିଂହଗାଁ ସମିତିସଭ୍ୟ ଅଭୟ ସ୍ୱାଇଁ, ପ୍ରାକ୍ତନ ଜିଲ୍ଲାପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ପୂର୍ବତନ ସମିତିସଭ୍ୟ ଦେବେନ୍ଦ୍ର ବିଶ୍ୱାଳ, ପ୍ରେମାନନ୍ଦ ସୁତାର, କାର୍ତ୍ତିକ ରାଉତ, ନାରାୟଣ ବିଶ୍ୱାଳ, ବିପିନ ବିହାରୀ ବର୍ମା, ଗିରିଧାରୀ ରାଉତ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

# ଚାଉଳ ଅଖା ଓ ପ୍ଲାଷ୍ଟିକ୍ ବୋତଲରୁ ଲାଇଫ୍ ଜ୍ୟାକେଟ୍





**ପାରାଦୀପ, ୬।୨ (ସମିସ):** ନୂଆଗଡ଼ ଗ୍ରାମ ପଞ୍ଚାୟତର ବାଲଡିଆ ଗ୍ରାମରେ ପ୍ଲାଷ୍ଟିକ ଅଖା ଓ ବୋତଲରୁ ଲାଇଫ ଜ୍ୟାକେଟ ନିର୍ମାଣ କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ନୂଆଗଡ଼ ପଞ୍ଚାୟତ ସରପଞ୍ଚ ଦେବେନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୮୦ ରୁ ଉର୍ଦ୍ଧ ଏସଏଚଜି ମହିଳା ଏବଂ ପାରାଦୀପ କଲେଜ ନାଭାଲ ଏନ୍‌ସିସି କ୍ୟାଡେଟ ଓ ଯୁବତୀମାନେ ଯୋଗ ଦେଇଥିଲେ। କର୍ମଶାଳା ୱାର୍ଲ୍ଡ ୱାଇଲ୍ଡ ଫଣ୍ଡ ଓ ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ସହଯୋଗରେ ସଂଗଠିତ ହେଇଥିଲା। ଏହି ପ୍ରଶିକ୍ଷଣରେ କେମିତି ବନ୍ୟା ଓ ବାତ୍ୟାକୁ ମୁକାବିଲା କରିବା ସହିତ ପ୍ଲାଷ୍ଟିକକୁ ପୁର୍ନବ୍ୟବହାର ଯୋଗ୍ୟ କରିବାର ଉପାୟ ଆସାମରୁ ଆସିଥିବା ପ୍ରଶିକ୍ଷକ ଅନୁଶ୍ରିତା ଶିଖାଇଥିଲେ। ଏହି ପଦକ୍ଷେପ ଦ୍ୱାରା ଅନୁପ୍ରାଣିତ ଓଡ଼ିଶାର ତଥା ପାରାଦୀପ ଯୁବକମାନେ ବର୍ତ୍ତମାନ ଉପଲବ୍ଧ ସାମଗ୍ରୀରୁ ଲାଇଫ୍ ଜ୍ୟାକେଟ୍ ତିଆରି କରିବାର ଜ୍ଞାନ ପାଇଛନ୍ତି, କେବଳ ବନ୍ୟା ସମୟରେ ସେମାନଙ୍କ ସୁରକ୍ଷା ନୁହେଁ ବରଂ ସେମାନଙ୍କ ସମ୍ପ୍ରଦାୟରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ହ୍ରାସ କରିବାରେ ମଧ୍ୟ ସହାୟକ ହେଉଛି। କର୍ମଶାଳାରେ ଡ଼ବ୍ଲୁ ଡ଼ି ବ୍ଲୁ ଏଫ୍ ର ଆସ୍ଲେ ୱିଲକିନସନ ଓ ସାତ୍ତ୍ୱିକସୋଲ ଫାଉଣ୍ଡେନର ନିର୍ଦ୍ଦେଶକ ସତ୍ୟବ୍ରତ ସାମଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସାତ୍ତ୍ୱିକ ସୋଲର ଜିଲ୍ଲା ସଂଯୋଜକ ବିଶ୍ୱଜିତ୍ ସାମଲ ପରିଚାଳନା କରିଥିଲେ। ତାଙ୍କ ସହିତ ଅମ୍ବିକା ପ୍ରସାଦ ମହାପାତ୍ର, ରାକେଶ ମହାପାତ୍ର, ସବ୍ୟସା ବଳିଆରସିଂ, ସୋନୁ ଚମ୍ପତି, ସୌମେନ୍ଦ୍ର ରାଉଳ, ଅଜିତ ତରାଇ ଓ ଝରି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୩୩ଏକର ଗଞ୍ଜେଇ ଗଛ ନଷ୍ଟ କଲା କଣ୍ଟାମାଳ ପୁଲିସ

**ଶଗଡ଼ା, ୬ ।୨(ସମିସ):** କଣ୍ଟାମାଳ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି । ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନେତୃତ୍ୱରେ ଲମ୍ବସରି ପଞ୍ଚାୟତ ପୁଟୁପୁଟିଗଡ଼ ସଂରକ୍ଷିତ ଜଙ୍ଗଲର ବଡ଼ ଝାରମୁଣ୍ଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢ଼ଉ କରି ବେଆଇନ ଭାବେ ୩୩ ଏକର ଜାଗାରେ ଚାଷ ହୋଇଥିବା ୩୩ ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ପୁଲିସ କର୍ମଚାରୀ ନଷ୍ଟ କରିଛନ୍ତି । ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୩କୋଟି ୩୦ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି । ଏ ସଂକ୍ରାନ୍ତରେ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।



■ ହାତୀ ଶିକାର ଅଭିଯୋଗରେ ଯୁବକଙ୍କୁ ବନ ବିଭାଗର ନିର୍ଯାତନା ଘଟଣା

# ମୁଖ୍ୟ ଶାସନସଚିବଙ୍କୁ ଜାତୀୟ ମାନବାଧିକାର କମିଶନଙ୍କ ନୋଟିସ୍

**ବୌଦ୍ଧ, ୬ ।୨(ସମିସ)**

ବୌଦ୍ଧ ଜିଲ୍ଲା ବିରିଗଡ଼ ଗ୍ରାମର ସୁଦର୍ଶନ ମାଝୀଙ୍କୁ ହାତୀ ଶିକାର ମାମଲାରେ ୪ ଦିନ ଧରି ଜଙ୍ଗଲ ବିଭାଗ ଅଧିକାରୀମାନେ ଅକଥନୀୟ ଶାରୀରିକ ନିର୍ଯାତନା ଦେବା ଘଟଣାରେ ଜାତୀୟ ମାନବାଧିକାର କମିଶନ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ୍ ଦେଇଛନ୍ତି । ୧ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ କୈଫିୟତ ତଲବ କରାଯାଇଛି ।

୨୦୨୨ ଜୁନ ୩ରେ ହାତୀ ଶିକାର କରିବା ଅଭିଯୋଗରେ ବୌଦ୍ଧ ଜଙ୍ଗଲ ବିଭାଗ ଅଧିକାରୀମାନେ ୩୫ ବର୍ଷୀୟ ଯୁବକ ସୁଦର୍ଶନଙ୍କୁ ଗିରଫ କରି ଜୁନ ୭ ପର୍ଯ୍ୟନ୍ତ ରଖି ଅକଥନୀୟ ଶାରୀରିକ ନିର୍ଯାତନା ଦେଇଥିଲେ । ୪ ଦିନ ପରେ ଜେଲ୍ ପଠାଇଥିବା ଅଭିଯୋଗ ହୋଇଥିଲା । ଭାରତୀୟ ସମ୍ବିଧାନର ଧାରା ୨୨ (୨) ରେ ଥିବା ମୌଳିକ ଅଧିକାର ଓ ଭାରତୀୟ ଦଣ୍ଡବିଧି ଆଇନ ଅନୁଯାୟୀ ଜଣେ ବ୍ୟକ୍ତିଙ୍କୁ ଗିରଫ ହେବାର ୨୪ ଘଣ୍ଟା ମଧ୍ୟରେ ଅଦାଲତରେ ହାଜର କରିବା ବିଧିସମ୍ମତ

**୧ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ କୈଫିୟତ ତଲବ**

ହୋଇଥିଲେ ମଧ୍ୟ ସୁଦର୍ଶନଙ୍କ କ୍ଷେତ୍ରରେ ଜଙ୍ଗଲ ବିଭାଗ ଅଧିକାରୀମାନେ ଏହାକୁ ଉଲ୍ଲଙ୍ଘନ କରି ୪ ଦିନ ଧରି ନିର୍ଯାତନା ଦେଇଥିଲେ । ଏହି ମାମଲାରେ ମାନବାଧିକାର କର୍ମୀ ଦିଲ୍ଲୀପ ଦାସ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । କମିଶନ ଏହାକୁ ବିଚାରକୁ ନେଇ ତିନି ତିନି ଥର ନୋଟିସ ପଠାଇବା ପରେ ବୌଦ୍ଧ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ୨୦୨୩ ଜାନୁଆରୀରେ ରିପୋର୍ଟ ପ୍ରଦାନ କରିଥିଲେ; ଯେଉଁଥିରେ ନାନା ତ୍ରୁଟି ଥିଲା । ସେଥିରୁ କମିଶନ ସ୍ୱଷ୍ଟ ହୋଇଥିଲେ ଯେ, ଜୁନ ୩ରେ ଗିରଫ କରିଥିଲେ ମଧ୍ୟ ରିପୋର୍ଟରେ ଜୁନ ୪, ୨୦୨୨ ବୋଲି ଦର୍ଶା ଯାଇଥିଲା । ଅଦାଲତରେ ୨୪ ଘଣ୍ଟା ମଧ୍ୟରେ ହାଜର ନ କରି ୬ ରେ ହାଜର କରାଇ ୭ର ଜେଲ ହାଜତକୁ ପାଠ ଯାଇଛି । ଏହି ସବୁ ରିପୋର୍ଟ ମାନବ ଅଧିକାର କମିଶନ ଅଭିଯୋଗକାରୀ ଦିଲ୍ଲୀପଙ୍କୁ ପଠାଇ ମତାମତ ମାଗିଥିଲେ । ରିପୋର୍ଟରେ ଥିବା ସମସ୍ତ ତ୍ରୁଟି ବିଚ୍ୟୁତିଗୁଡିକ ଦର୍ଶାଇ ଦିଲ୍ଲୀପ ୨୦୨୩ ଫେବୃଆରୀ ୪ରେ କମିଶନଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ । ରିପୋର୍ଟକୁ ତର୍ଜମା କରି ମାନବାଧିକାର କମିଶନ ପୁନଶ୍ଚ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ସାନି ରିପୋର୍ଟ ତଲବ କରିଥିଲେ । କମିଶନଙ୍କ ନୋଟିସ ପାଇବା ପରେ ବୌଦ୍ଧ ଆରକ୍ଷୀ ଅଧିକ୍ଷକ ୨୧/୧୦/୨୦୨୩ରେ ଏବଂ ବୌଦ୍ଧ ଜିଲ୍ଲାପାଳ ୩/୧୧/୨୦୨୩ରେ ନିଜ ନିଜ ରିପୋର୍ଟ ଦାଖଲ କରି ସମସ୍ତ ତ୍ରୁଟି ସ୍ୱୀକାର କରିଥିଲେ । ରିପୋର୍ଟଗୁଡିକୁ ତର୍ଜମା କଲା ପରେ ମାନବାଧିକାର କମିଶନ ଏହି ମାମଲାରେ ସୁଦର୍ଶନଙ୍କ ମୌଳିକ ଅଧିକାର ସହିତ ମାନବାଧିକାର ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ ହୋଇଥିବା ହୃଦୟଙ୍ଗମ କରିଥିଲେ । ମାନବ ଅଧିକାର ସୁରକ୍ଷା ଆଇନ ୧୯୯୩ର ଧାରା ୧୮ ଅନୁଯାୟୀ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ ଜାରି କରି ସୁଦର୍ଶନଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବା ସମ୍ବନ୍ଧରେ ୬ ସପ୍ତାହ ମଧ୍ୟରେ କୈଫିୟତ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ଖଲିଆପାଲି ସ୍କୁଲରେ 'ଆମ ଭାଷା, ଆମ ସାହିତ୍ୟ' କାର୍ଯ୍ୟକ୍ରମ



**ସୋନପୁର, ୬ ।୨(ସମିସ):** ସୋନପୁର ସଦର ବ୍ଲକ ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆମ ଭାଷା ଆମ ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଲୋକନାଥ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମନୋରମା ମିଶ୍ର, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ମାର୍କଣ୍ଡ ମେହେର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମୟୂରଉଡାନ ସିଆରସିସି ଉମାକାନ୍ତ ମିଶ୍ର, ମହାଦେବ ବଗର୍ତ୍ତୀ, ଚମ୍ପେଶ୍ୱର ଦାନି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୁଇଜରେ ଅଙ୍କିତା ତରିଆ, ନିଲୁ ବଡମାଲି, ସୁମନ ପଧାନ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥଲେ । ଚିତ୍ରାଙ୍କନରେ ପ୍ରଣତି ହୋତା, ପୂର୍ଣ୍ଣିମା ସାହୁ, ଖୁସିରାଣୀ ନାଏକ, ବିତର୍କରେ ଲକ୍ଷ୍ମୀପ୍ରିୟା ସାହୁ, ସୁଜାତା ବିଶି, ପ୍ରିୟଙ୍କା ଗୁରୁ, ହର୍ଷିକା ନାଏକ ପ୍ରମୁଖ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ । ବରିଷ୍ଠ ଶିକ୍ଷକ ଶ୍ୟାମସୁନ୍ଦର ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ପ୍ରଭାତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଶ୍ୱ ବିଭୁଷିତା ପଣ୍ଡା, ଲିପିନାରାଣି ପଧାନ, ଖତୁ ସୁନା, ନିର୍ମଳ ପୋଢ, ସୁରେନ୍ଦ୍ର ମେହେର ପ୍ରମୁଖ ସହଯୋଗ କରିଥିଲେ ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ସଭା

**ସୁବଳୟା, ୬ ।୨(ସମିସ):** ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର 'ନବୀନ ଓଡ଼ିଶା, ଆମ ଓଡ଼ିଶା' ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଉପାଧ୍ୟକ୍ଷ ନାରାୟଣ ଲୁହା, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ସରପଞ୍ଚ ସଂଘର ସଭାନେତ୍ରୀ ଶ୍ରୀୟା କର୍ମୀ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଆମ୍ ଅଧ୍ୟକ୍ଷ ବିବସ୍ୱତି ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଉପରେ ଲୋକଙ୍କୁ ସଚେତନତା କରାଯାଇଥିଲା ।



**ମନମୁଣ୍ଡା:** ମନମୁଣ୍ଡା ଖେଳ ପଡ଼ିଆରେ ମଧ ପଞ୍ଚାୟତସ୍ତରୀୟ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ସୁଶ୍ରୀ ରଞ୍ଜୁ ବେହେରା ଅଧ୍ୟକ୍ଷତା କରିଥିଲେ । ବୌଦ୍ଧ ଜିଲ୍ଲା ସାମ୍ବାଦିକ ସଂଘ ଉପ ସଭାପତି ବୈଦ୍ୟନାଥ ହୋତା, ସାମ୍ବାଦିକ ଭାର୍ଜନ ପ୍ରଧାନ, ମନମୁଣ୍ଡା ସିଆରସିସି ପ୍ରଜିନା ପାଢ଼ୀ, କୃଷି ଗ୍ରାମ ସେବକ ବିବେକାନନ୍ଦ ସାହୁ, ଉଦ୍ୟାନ ଗ୍ରାମ ସେବକ ରବୀନ୍ଦ୍ର କର୍ଣ୍ଣ, ଅଙ୍ଗନବାଡ଼ି କର୍ମୀ କଲ୍ୟାଣୀ ନାୟକ, ଏମବିକେ ଇନ୍ଦୁ ମେହେର, କଣ୍ଟାମାଳ ଜିପିଡିଓ ଗୌରୀଶଙ୍କର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମନମୁଣ୍ଡା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୟଦେବ ପ୍ରଧାନ ଅତିଥି ପରିଚୟ ଦେଇଥିଲେ ।

## ୮୦ ଲିଟର ରନ୍ଧା ମଦ ଜବତ, ୩ କୋର୍ଟ ଚାଲାଣ

**ସୁବଳୟା, ୬ ।୨ (ସମିସ):** ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଟେଭାପଦର ଓ ପିତାମହୁଲ ରାସ୍ତାରୁ ୮୦ ଲିଟର ବେଆଇନ ଦେଶୀ ରନ୍ଧା ମଦ ଜବତ ହୋଇଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ବୀରମହାରାଜପୁର ଓ ସୋନପୁର ଅବକାରୀ ବିଭାଗ ପକ୍ଷରୁ ରାତିରେ ପାଟ୍ରଲିଂ ସମୟରେ ବେଆଇନ ମଦ ଚୋରାଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା । ଏହାପରେ ପୁଲିସ ସୁବଳୟା ଥାନା ଅଞ୍ଚଳର ଟେଭାପଦର ଓ ପିତାମହୁଲ ରାସ୍ତାରେ ଚଢଉ କରିଥିଲା । ପିତାମହୁଲ ଗ୍ରାମର ଗୋବିନ୍ଦ ସାହୁ ପାଖରୁ ୧୫ ଲିଟର, ସାହେବ ସାହୁ ପାଖରୁ ୨୦ ଲିଟର ଓ ଟେଭାପଦର ଗ୍ରାମର ପଦ୍ମନ ସାହୁ ପାଖରୁ ୪୫ ଲିଟର ଦେଶି ରନ୍ଧା ମଦ ଜବତ କରି ଏହି ୩ ଜଣଙ୍କୁ ପୁଲିସ ଗିରଫ କରିଛି । ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇଛି । ଏହି ଚଢଉରେ ଅବକାରୀ ବିଭାଗର ପ୍ରକାଶ ସା, ହରପ୍ରସାଦ ରଣା, ସୁମିତ୍ରା ହେମ୍ବ୍ରମ, ପ୍ରଶାନ୍ତ ପରିଡ଼ା, ପିଣ୍ଟୁ ସାହୁ, ପୃଥିରାଜ କହଁର ପ୍ରମୁଖ ସାମିଲ ହୋଇଥିଲେ ।

## ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କ ସଫଳତା




**ଶଗଡ଼ା, ୬ ।୨(ସମିସ):** ଭୁବନେଶ୍ୱରରେ ଅନୁଷ୍ଠିତ ପଞ୍ଚ ଦିବସୀୟ ଶିକ୍ଷା ତଥା ପ୍ରଶିକ୍ଷଣ ଶିବିରରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଜୁନିଅର୍ ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ ସଫଳତା ପାଇଛନ୍ତି । କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରତିଭା ସାହୁ କୁଇଜରେ ଦ୍ୱିତୀୟ ହୋଇଛନ୍ତି । ସେହି ବିଦ୍ୟାଳୟର ଜୁନିଅର୍ ପ୍ରତ୍ୟଶା ପ୍ରିୟଦର୍ଶିନୀ କୁମ୍ଭାର, ଚନ୍ଦ୍ରମା ସାହୁ, ପ୍ରତିଭା ସାହୁ, ରାନୁ ଭୋଇ ସମୂହ ସଙ୍ଗୀତରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । କଣ୍ଟାମାଳ ବ୍ଲକ ଜୁନିଅର୍ ରେଡକ୍ରସ୍ ସଂଯୋଜକ ବନମାଳୀ ମେହେର ଓ ତେଲିବନ୍ଧ ହାଇସ୍କୁଲର ଗାଇଡ ଜୁନିଅର୍ କାଉନସିଲର ସ୍ୱାଗତିକା ପଧାନଙ୍କ ନେତୃତ୍ୱରେ ଏମାନେ ରାଜ୍ୟରୀୟ ଶିବିରରେ ଯୋଗ ଦେଇଥିଲେ ।

■ ସର୍ବ ଭାରତୀୟ ଦିବାରାତ୍ର ଭଲିବଲ

## ଛତିଶଗଡ଼କୁ ହରାଇ ଖୋର୍ଦ୍ଧା ରେଲୱେ ବିଜୟୀ

**ଡୁଙ୍ଗୁରିପାଲି, ୬ ।୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଭଲିବଲ ଏସୋସିଏସନ ଆନୁକୂଲ୍ୟରେ ଯୁଗଭାଇ ବିଶ୍ୱାଳ ମେମୋରିଆଲ ସର୍ବ ଭାରତୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ବ୍ରଜବନ୍ଧୁ ମିଶ୍ର, ଲକ୍ଷ୍ମୀଧର ନାୟକ, କିଶୋର ବିଶ୍ୱାଳ, ବିଭାଶ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ହିମାଂଶୁ ଶେଖର ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ଗୋପାଳ ବାରିକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ମଣିଲାଲ ଶର୍ମା ସଭା ସଂଯୋଜନା କରିଥିଲେ ।

ଉଦ୍‌ଘାଟନୀ ମ୍ୟାଚ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ଏବଂ ଛତିଶଗଡ଼ ପୁଲିସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୩ ସେଟ୍ ବିଶିଷ୍ଟ ମ୍ୟାଚରେ ଖୋର୍ଦ୍ଧା ଛତିଶଗଡ଼କୁ ୨୫-୨୨ ଏବଂ ୨୫-୧୯ରେ ପରାସ୍ତ କରିଥିଲା । ନିରଞ୍ଜନ ନାଏକ ପ୍ରଥମ ମ୍ୟାଚ ପରିଚାଳନା କରିଥିଲେ । ସେହିପରି ତୁସରାମ ପ୍ରଧାନ, ସୁଶାନ୍ତ ପଟେଲ, ସଞ୍ଜୟ ବଳ, କ୍ଷିତିଶ ମୋହାନ୍ତି, କୁକମାର ମଲ୍ଲିକ ଓ ସତ୍ୟଜୀତ ରଥ ମଧ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଆଦିତ୍ୟ ମାଝି ଧାରାବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜିତେନ୍ଦ୍ର ବିଶ୍ୱାଳଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ ।



## ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକାଙ୍କ ବିଭିନ୍ନ ପ୍ରକଳ୍ପର ସମୀକ୍ଷା

**ସୋନପୁର, ୬ ।୨(ସମିସ):** ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ଏହି ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ପ୍ରଥମେ ସେ ଉଲୁଣ୍ଡା ବ୍ଲକ ମୁଣ୍ଡଘାଟ ଓ ନାୟକପଡ଼ା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ । ଏହାପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ଅଧିକାରୀ, ଅଙ୍ଗନବାଡି ସୁପରଭାଇଜର, ଏବଂ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଅଧିକାରୀମାନଙ୍କ ସମୀକ୍ଷା ବୈଠକ କରିଥିଲେ । ଏହି ସଭାରେ ଜିଲ୍ଲାପାଳ ଅନନ୍ୟା ଦାଶ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନିତା ଗୁରୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଜିଲ୍ଲା ସଂଯୋଜକ ପୋଷଣ ସଞ୍ଜୀବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



## ପଲଶାଗୋରା କଲେଜରେ 'ନୂଆଁ-ଓ' ଉଦ୍‌ଯାପିତ

**ପଲଶାଗୋରା, ୬ ।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା 'ନୂଆଁ-ଓ' କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଦେବେନ୍ଦ୍ର ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ସଂସ୍କୃତ ପ୍ରାଧ୍ୟାପକ ସୁରେଶ ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଭରଦ୍ୱାଜ ମହାକୁଡ଼ ଯୋଗଦେଇ ଓଡ଼ିଆ ଭାଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପିକା ସବିତା ବାଘ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପକ ନାରାୟଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।




## ବଜରଙ୍ଗବାଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ତାଳପଡ଼ା ଚାମ୍ପିଅନ



**ଶଗଡ଼ା, ୬ ।୨(ସମିସ):** କଣ୍ଟାମାଳ ବ୍ଲକ ବିଳାସପୁର ପଞ୍ଚାୟତ ତାଳପଡ଼ାରେ ଚାଲିଥିବା ବଜରଙ୍ଗବାଲି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି । ତାଳପଡ଼ା ଏବଂ ମସିଣାପଡ଼ା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି କ୍ରିକେଟ ଟୁର୍ନାମେଣ୍ଟରେ ମସିଣାପଡ଼ାକୁ ହରାଇ ତାଳପଡ଼ା ଦଳ ଚାମ୍ପିଅନ ହୋଇଛି ।

# ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଉଲୁଣ୍ଡା, ୬ ।୨(ସମିସ)**

ଉଲୁଣ୍ଡା ବ୍ଲକ ଧର୍ମଶାଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀ ଆତ୍ମ ସୁରକ୍ଷା ତଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ପ୍ରାଧ୍ୟାପିକା ନମିତା ରଥ, ବରିଷ୍ଠ ଅଧ୍ୟାପକ ପ୍ରଫୁଲ୍ଲ ପାତ୍ର ଓ ରାଜେନ୍ଦ୍ର ପ୍ରସାଦ ବେଦବାକ୍ ଅତିଥି ଭାବେ ଯୋଗ ଦେଇଲେ । କ୍ରୀଡ଼ା ପ୍ରଶିକ୍ଷକ ଗୋବିନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀ, ପ୍ରଶିକ୍ଷିକା ସୁଶ୍ରୀ ଅଙ୍କିତା ସାହୁ ଏବଂ ସୁଶ୍ରୀ କଲ୍ୟାଣମୟୀ ତ୍ରିପାଠୀଙ୍କୁ ସମ୍ମାନ ପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ପ୍ରାଧ୍ୟାପକ ଡକ୍ଟର ପୁରୁଷୋତ୍ତମ ମିଶ ଧନ୍ୟବାଦ ଅର୍ପଣ କରିଥିଲେ । ଗଦାଧର ପ୍ରଧାନ, ବିଭୀଷଣ ପ୍ରଧାନ ଓ ନୀଳାମ୍ବର ଝାଙ୍କର ସହଯୋଗ କରିଥିଲେ ।

**ପଲଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷ ଦେବେନ୍ଦ୍ର ନାରାୟଣ ପଣ୍ଡା, ଅବସରପ୍ରାପ୍ତ ଅଧ୍ୟାପକ ଭରଦ୍ୱାଜ ମହାକୁଡ଼, ଅଧ୍ୟାପକ ବିଶେଶ୍ୱର ପାଣିଗ୍ରାହୀ, ଅଧ୍ୟାପକ ରାଧେଶ୍ୟାମ ପ୍ରଧାନ, ଅଧ୍ୟାପିକା ପ୍ରଜ୍ଞା ପରମିତା ମିଶ୍ର, କବିତା ପୋଢ଼, ପିଙ୍କି ମେହେର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରରାଯାଇଛି । ତାଲିମଦାତ୍ରୀ ଅନିତା ଅମାତ ତାଲିମ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ନାରାୟଣ ପ୍ରଧାନ ପରିଚାଳନା କରିଥିଲେ ।






■ ସରମଣ୍ଡା କ୍ରିକେଟ କପ୍

## ବରଗଡ଼କୁ ହରାଇ ଫାଇନାଲରେ ଅନୁଗୋଳ

**ମନମୁଣ୍ଡା, ୬ ।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛାରେ ୧୭ତମ ରାଜ୍ୟସ୍ତରୀୟ ସରମଣ୍ଡା କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି । ଟି-୨୦ ଫର୍ମାଟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚରେ ଏସଏସ ଲୁଟୁ ୱାରିଆର୍ସ ଅନୁଗୋଳ ଏବଂ ପୁରୀ ଇଲେଭେନ ପରସ୍ପରକୁ ଭେଟିଥିଲେ । ଏଥିରେ ଅନୁଗୋଳ ବିଜୟୀ ହୋଇଥିଲା । ସେହିପରି ଏମ ଏମସିସି ସମ୍ବଲପୁରକୁ ସୋମ ୧୧ ବରଗଡ଼ ପରାସ୍ତ କରିଥିଲା । ଅନୁଗୋଳ ଏବଂ ବରଗଡ଼ ମଧ୍ୟରେ ପ୍ରଥମ ସେମି ଫାଇନାଲ ହୋଇଥିଲା । ଏଥିରେ ଅନୁଗୋଳ ୯ ୱିକେଟରେ ବିଜୟୀ ହୋଇ ଫାଇନାଲକୁ ଯାଇଥିଲା ।

ଆୟୋଜକ ଶ୍ରୀ ଜଗନ୍ନାଥ ପାଠାଗାରର ସଭାପତି ଶାନ୍ତନୁ ଥାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ବରଗୋଛା ସରପଞ୍ଚ ଲକି କର୍ମୀ, ସମିତି ସଭ୍ୟା ମମତା କହଁର, ଛାତ୍ର ନେତା ତନ୍ମୟ ସାହୁ, କବି ତଥା ଶିକ୍ଷକ ସତ୍ୟନାରାୟଣ ମଲ୍ଲିକ, କ୍ରିକେଟ ପ୍ରେମୀ ଜିତେନ୍ଦ୍ର ଦନ୍ତା ପ୍ରମୁଖ ଯୋଗ ଦେଇଥିଲେ ।

ଅମ୍ପାୟର ଭାବେ ସୁରେଶ ବିଶି, ସୁବାସ ଭୋଇନା, ସ୍କୋରର୍ ଭାବେ ପୂର୍ଣ୍ଣଚନ୍ଦ୍ର ପରଡ଼ିଆ, ଅବିନାଶ ସାହୁ ଦାୟିତ୍ୱ ତୁଲାଇଥିଲେ । ଆଫ୍ରୋଜ ଅଲି ଓ ମଦନ ସ୍ୱାଇଁ ଧାରା ବିବରଣୀ ଦେଇଥିଲେ । ଉଚିତ୍ ଡ଼ାଙ୍ଗ, ବିଶ୍ୱାମିତ୍ର ମହଲା ଏବଂ ସୌମ୍ୟ ମଲ୍ଲିକ ପରିଚାଳନାରେ ସହଯୋଗ କରିଥିଲେ ।

